Postal Regd.No.: BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୫
Volum. - 21 ■ Issue No.- 25
Sunday ■ Balangir
ରବିବାର ■ ବଲାଙ୍ଗିର
KOSHALA PRABAHA
# କୋଶଳ ପ୍ରବାହ
www.koshalaprabaha.com
R.N.I.No.: ODIODI/2000/03637 | ୦୯ ମେ' - ୧୫ ମେ' ୨୦୨୧ | 09 May - 15 May 2021 | Odia Weekly | 8 Pages | Rs.2/- only

## ଡାକ୍ତରଖାନାମାନଙ୍କରେ ଏବଂ ବିଶେଷ କରି କୋଭିଡ-୧୯ ଚିକିତ୍ସା କେନ୍ଦ୍ରରେ ଯେଉଁଭଳି କୌଣସି ପ୍ରକାର ଅଗ୍ନିକାଣ୍ଡ ନ ଘଟେ ତାହା ସୁନିଶ୍ଚିତ କରିବା ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳମାନଙ୍କ ଦୃଷ୍ଟି ଆକର୍ଷଣ କଲା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

**- ସମର୍ପିତ କୋଭିଡ ଚିକିତ୍ସା କେନ୍ଦ୍ରମାନଙ୍କ ସହିତ ହସପିଟାଲ ଏବଂ ମେଡିକାଲ ବ୍ୟବସ୍ଥାକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଜାରି ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମାନଙ୍କୁ ବିଶେଷ ପରାମର୍ଶ ପ୍ରଦାନ**



ନୂଆଦିଲ୍ଲୀ, (ପିଆଇବି) : ସର୍ଟ ସର୍କିଟ୍ ଅବା ଅନ୍ୟ କୌଣସି କାରଣ ଯୋଗୁ ହେଉ ହସପିଟାଲ ଓ ନର୍ସିଂ ହୋମମାନଙ୍କରେ ନିକଟ ଅତୀତରେ ଅଗ୍ନିକାଣ୍ଡ ଭଳି ଘଟଣା ଘଟିଥିବା ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସଚିବ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ରଶାସିତ ଅଂଚଳମାନଙ୍କର ପ୍ରଶାସକମାନଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି । ଏହି ପତ୍ରରେ ନିକଟ ଅତୀତରେ ବିଭିନ୍ନ ରାଜ୍ୟର ହସପିଟାଲ ଏବଂ ନର୍ସିଂହୋମ ମାନଙ୍କରେ ଅଗ୍ନିକାଣ୍ଡ ଘଟିଥିବା ଘଟଣା ସମ୍ପର୍କରେ ଅବଗତ କରାଯାଇଛି । ବିଶେଷ କରି ଗ୍ରୀଷ୍ମ ଋତୁର ପ୍ରବଳ ଖରା ଯୋଗୁ ଏହି ଘଟଣା ପ୍ରତି ବିଶେଷ ଧ୍ୟାନ ଦେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ସରକାରମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ଅଗ୍ନିକାଣ୍ଡ ଭଳି ଘଟଣା ନଘଟିବା ପ୍ରତି ସେମାନେ ବିଶେଷ ଧ୍ୟାନ ଦିଅନ୍ତୁ । ଗ୍ରୀଷ୍ମ ଯୋଗୁ ଉତ୍ତାପ ବୃଦ୍ଧି ପାଇଁ ହୋଇଥାଉ ଅଥବା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କିମ୍ବା ଚିକିତ୍ସାଳୟମାନଙ୍କରେ ଆଭ୍ୟନ୍ତରୀଣ ଓ୍ୟାରିଂ ଉପରେ ପଡୁଥିବା ଅଧିକ ଚାପ ପାଇଁ ହେଉ ବେଳେବେଳେ ସର୍ଟ ସର୍କିଟ୍ ଭଳି ଘଟଣା ଘଟିଥାଏ, ଯାହା ଫଳରେ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ସୃଷ୍ଟି ହୋଇଥାଏ ଓ ଧନଜୀବନର କ୍ଷୟକ୍ଷତି ଘଟିଥାଏ ।

ଏହି ପତ୍ରରେ ରାଜ୍ୟମାନଙ୍କୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଏହି ପରିପ୍ରେକ୍ଷୀରେ ସେମାନଙ୍କର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ଯଦ୍ୱାରା ଉଭୟ ସରକାରୀ କିମ୍ବା ବେସରକାରୀ ହସପିଟାଲରେ (ବିଶେଷ କରି ସମର୍ପିତ କୋଭିଡ-୧୯ ବ୍ୟବସ୍ଥା ମାନଙ୍କରେ) ସମସ୍ତ ପ୍ରକାର ଅଗ୍ନିକାଣ୍ଡ ଆଶଙ୍କାକୁ ପ୍ରତିହତ କରାଯାଇପାରିବ ।

ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ଆହୁରି ଅନୁରୋଧ କରାଯାଇଛି ଯେ ସେମାନେ ସ୍ୱାସ୍ଥ୍ୟ, ଶକ୍ତି ଓ ଅଗ୍ନି ନିର୍ବାପକ ବିଭାଗର ଅଧିକାରୀମାନଙ୍କ ଜରିଆରେ ଏହି ପରିପ୍ରେକ୍ଷୀରେ ବିସ୍ତୃତ ଭାବେ ଆଗୁଆ ସମୀକ୍ଷା କରନ୍ତୁ ଏବଂ ଏ ସଂପର୍କୀତ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ରଖନ୍ତୁ ଯଦ୍ୱାରା ସେମାନଙ୍କ କ୍ଷେତ୍ରର ସମସ୍ତ ହସପିଟାଲ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ।

ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ଆହୁରି ଅନୁରୋଧ କରାଯାଇଛି ଯେ ସେମାନେ ବିଭିନ୍ନ ସ୍ତରରେ କାର୍ଯ୍ୟରତ ସଂପୃକ୍ତ ଅଧିକାରୀମାନଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶାବଳୀ ଜାରି କରନ୍ତୁ ଯେ କ୍ଷେତ୍ରୀୟ ସ୍ତରର ଅଧିକାରୀମାନେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଗସ୍ତ କରି ଆଭ୍ୟନ୍ତରୀଣ ଓ୍ୟାରିଂ ଓ ସେଠାରେ ମୁତୟତ ଥିବା ନିରାପତ୍ତା ଉପକରଣମାନ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ ରହିଛି କି ନାହିଁ ତାହା ସୁନିଶ୍ଚିତ କରିବେ । ଏହି ଯାଂଚ ଅଗ୍ନି ନିରାପତ୍ତା ନିର୍ଦ୍ଦେଶାବଳୀ ଅନୁସାରେ କରାଯିବ । ଯେଉଁ ସ୍ଥାନରେ ଏଭଳି ବ୍ୟବସ୍ଥାରେ କୌଣସି ପ୍ରକାର ଖିଲାପ ପରିଲକ୍ଷିତ ହେବ ସେ ସଂପର୍କରେ ତୁରନ୍ତ ସମାଧାନ ପନ୍ଥା ଗ୍ରହଣ ନିମନ୍ତେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

ନିକଟରେ ମହାନିର୍ଦ୍ଦେଶକ (ଅଗ୍ନିଶମ ସେମା, ବେସାମରିକ ପ୍ରତିରକ୍ଷା ଓ ହୋମ ଗାର୍ଡସ୍), ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଯାହାକି ହସପିଟାଲ ଓ ନର୍ସିଂହୋମ ଗୁଡିକର ନିରାପତ୍ତା ନିମନ୍ତେ ଉଦ୍ଦିଷ୍ଟ ସେ ସଂପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପତ୍ରରେ ଗୁରୁତ୍ୱର ସହ ଦର୍ଶାଯାଇଛି ଯେ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କରେ ସ୍ଥାପିତ ସମର୍ପିତ କୋଭିଡ ୧୯ ହସପିଟାଲ ଓ ଚିକିତ୍ସାକେନ୍ଦ୍ର ମାନଙ୍କରେ ବହୁ ସଂଖ୍ୟାରେ କୋଭିଡ ସଂକ୍ରମିତ ରୋଗୀ ଚିକିତ୍ସିତ ହେଉଛନ୍ତି । ଅଧିକାଂଶ କ୍ଷେତ୍ରରେ, ସେହିସବୁ ହସପିଟାଲମାନଙ୍କରେ ଅକ୍ସିଜେନ ଯୁକ୍ତ ବେଡ୍ ଓ ଭେଂଟିଲେଟର ଗୁରୁତର ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଉଛି । ତେଣୁ ସେହିସବୁ ହସପିଟାଲ ଓ ଚିକିତ୍ସା କେନ୍ଦ୍ରଗୁଡିକୁ ଅହୋରାତ୍ର ଓ ନିରବଚ୍ଛିନ୍ନ ଭାବେ ବିଜୁଳି ଯୋଗାଣ ଅବ୍ୟାହତ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ସରକାରମାନେ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ଏହି ନିର୍ଦ୍ଦେଶିକାରେ ଗୁରୁତ୍ୱର ସହ ଆହୁରି ଦର୍ଶାଯାଇଛି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ରକ୍ଷା ଉପରେ ସର୍ବାଧିକ ଧ୍ୟାନ ଦିଆଯିବା ଦରକାର ଏବଂ ସେଥିନିମନ୍ତେ ସମସ୍ତ ସ୍ୱାସ୍ଥ୍ୟ ସେବାକେନ୍ଦ୍ରରେ ଆବଶ୍ୟକ ଚିକିତ୍ସା ସଂସାଧନ ଉପଲବ୍ଧ କରାଯିବା ଜରୁରୀ ଯଦ୍ୱାରା କୋଭିଡ ୧୯ ଚିକିତ୍ସା ପରିଚାଳନା ସଫଳତାର ସହ କରାଯାଇପାରିବ ଏବଂ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇପାରିବେ ।

## ଭୀମ ଭୋଇ ମେଡିକାଲରେ କାର୍ଯ୍ୟକ୍ଷମ ହେଲା କେନ୍ଦ୍ରୀୟ ଅମ୍ଳଜାନ ବିତରଣ କେନ୍ଦ୍ର

ବଲାଙ୍ଗିର, (ନିପ୍ର) : ଭୀମ ଭୋଇ ମେଡିକାଲ କଲେଜରେ କେନ୍ଦ୍ରୀୟ ଅମ୍ଳଜାନ ବିତରଣ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ନାଏକଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରିଛନ୍ତି । ଏହା ଦ୍ୱାରା ଗରୁତୁର ରୋଗୀମାନଙ୍କୁ ସିଧା ସଳଖ ପାଇପ ଯୋଗେ ରୋଗୀଶଯ୍ୟା ପାଖରେ ଅମ୍ଳଜାନ ଯୋଗାଇ ଦିଆ ଯାଇପାରିବ । ଅମ୍ଳଜାନ ସିଲିଣ୍ଡର ଶଯ୍ୟା ପାଖକୁ ବୋହି ନେବା ଆବଶ୍ୟକତା ରହିବ ନାହିଁ । ଯଦ୍ୱାରା ରୋଗୀ ଆବଶ୍ୟକ ସମୟରେ ତୁରନ୍ତ ଅମ୍ଳଜାନ ପାଇବା ସହ, ଏଭଳି ଘଡିସନ୍ଧି ମୁହୁର୍ତ୍ତ ସିଲିଣ୍ଡର ବୋହିବାରେ ନିୟୋଜିତ ମାନବ ସମ୍ବଳର ଅନ୍ୟତ୍ର ଉପଯୋଗ କରାଯାଇ ପାରିବ ବୋଲି ଜିଲ୍ଲାପାଳ ଗଣମାଧ୍ୟମକୁ ଜଣାଇଛନ୍ତି । ଦୁଇ ବର୍ଷ



ତଳେ ସରକାର ସମସ୍ତ ମେଡିକାଲ କଲେଜକୁ ଏହି କେନ୍ଦ୍ର ମରାମତି ପାଇଁ ପ୍ରାୟ ଚାରି କୋଟି ରାଶି ପ୍ରଦାନ କରିଥିଲେ । ବଲାଙ୍ଗିରରେ ଏହାର କାମ ଚାଲିଥିଲା । ବର୍ତ୍ତମାନ କରୋନା ପରିସ୍ଥିତିର ମୁକାବିଲା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସଂପୂର୍ଣ୍ଣ କରାଯାଇଥିଲା । ଏହି କେନ୍ଦ୍ରରେ ଅମ୍ଳଜାନ ଉତ୍ପାଦନ ହେବନାହିଁ । ଏଠାରେ ୪୮ଟି ଜମ୍ବୋ ସିଲିଣ୍ଡର ଖଞ୍ଜା ଯାଇ ପାଇପ୍ ଯୋଗେ ୪୦ଟି କୋଭିଡ ଆଇସିୟୁ, ୧୮ଗୋଟି ଜେନେରାଲ ଆଇସିୟୁ, ସମସ୍ତ ଅପରେସନ ଥିଏଟର ଓ କେଜୁଏଲିଟିକୁ

## ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ୍‌ରେ ୧୦୦ ଓ କିସ୍‌ରେ ୫୦ ଆଇସିୟୁ ଶଯ୍ୟା ପାଇଁ ଦାବୀ ରଖିଲେ ନରସିଂହ

**- ସ୍ଥିତି ବିଗିଡିବା ପୁର୍ବରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପୂରଣ କରନ୍ତୁ ସରକାର**
**- ସୁପର ସ୍ପେସିଆଲିଟି ହସପିଟାଲ ପାଇଁ ଅଚ୍ୟୁତ ସାମନ୍ତ ସହ କଲେ ଅଲୋଚନା**

ବଲାଙ୍ଗିର, (ନିପ୍ର) : କରୋନା ଦ୍ୱିତୀୟ ଲହରରେ ବଲାଙ୍ଗିର ଜିଲ୍ଲାରେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବଢିବାରେ ଲାଗିଛି । ବିଶେଷଜ୍ଞଙ୍କ ମତକୁ ଯଦି ବିଶ୍ୱାସ କରାଯାଏ, ତେବେ ଆଗାମୀ କିଛି ସପ୍ତାହ ମଧ୍ୟରେ କରୋନା ତା'ର ଆହୁରି ଭୟଙ୍କର ରୂପ ଦେଖାଇବ । ତେଣୁ ସ୍ଥିତି ବିଗିଡିବା ପୂର୍ବରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ଭୀମ ଭୋଇ ମେଡିକାଲ କଲେଜରେ ଆଇସିୟୁ ଶଯ୍ୟା ସଂଖ୍ୟା ୧୦୦କୁ ବୃଦ୍ଧି କରାଯାଉ ବୋଲି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଆଜି ସରକାରଙ୍କ ପାଖରେ ଦାବୀ ଜଣାଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ଆଇସିୟୁ ଓ ଏଚଡିୟୁକୁ ମିଶାଇଲେ ମାତ୍ର ୨୦ ଶଯ୍ୟା ରହିଛି । ଆଉ ୩୦ଟି ଆଇସିୟୁ ଶଯ୍ୟା ପାଇଁ ସରଞ୍ଜାମ ପ୍ରସ୍ତୁତ ରହିଛି । ସବୁକୁ ମିଶାଇ ଭୀମ ଭୋଇ ମେଡିକାଲରେ ୪୦ଟି ଆଇସିୟୁ ଏବଂ ୧୦ଟି ଏଚ୍‌ଡିୟୁ ଶଯ୍ୟା କାର୍ଯ୍ୟକ୍ଷମ ହେବ । କିନ୍ତୁ ବର୍ତ୍ତମାନର କରୋନା ଭୟାବହତା ଓ ରୋଗୀ ସଂଖ୍ୟା ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ । ତେଣୁ ଅନ୍ତତଃ ଆହୁରି ଅଧିକ ୫୦ ଆଇସିୟୁ ଶଯ୍ୟା ବୃଦ୍ଧି କରାଯିବା ସହିତ ଭୀମ ଭୋଇ ମେଡିକାଲରେ ୧୦୦ଟି ଆଇସିୟୁ ଶଯ୍ୟାର ବ୍ୟବସ୍ଥା ପାଇଁ ଶ୍ରୀ ମିଶ୍ର ସରକାରଙ୍କ ପାଖରେ ଦାବୀ କରିଛନ୍ତି ।



ସେ ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ମେଡିକାଲ କଲେଜରେ ଖାଲି ଥିବା ପଲ୍ମୁନାରି ମେଡିସିନ, ମେଡିସିନ ଏବଂ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ପଦବୀ ଶୀଘ୍ର ପୂରଣ କରାଯାଉ । ଏଠାରେ ସୂଚନା ଯୋଗ୍ୟ ଯେ, କରୋନା ସମୟରେ ପଲ୍ମୁନାରି ମେଡିସିନ ବିଶେଷଜ୍ଞ ପଦ ଖାଲି ଥିବାରୁ କରୋନା ରୋଗୀମାନେ ଉଚିତ ଚିକିତ୍ସା ପାଇ ପାରୁନାହାନ୍ତି ବୋଲି ବିଧାୟକ ପ୍ରତିନିଧି ମିନିଷ ମିଶ୍ର ଜଣାଇଛନ୍ତି । ଗ୍ରାମାଂଚଳରେ ମଧ୍ୟ ଶୀଘ୍ର ଡାକ୍ତର ପଦବୀ ପୂରଣ କରିବା ପାଇଁ ଶ୍ରୀ ମିଶ୍ର ଦାବୀ କରିଛନ୍ତି । କରୋନା ରୋଗୀମାନେ ଚିକିତ୍ସିତ ହେଉଥିବା ବଲାଙ୍ଗିର ସ୍ଥିତ କିସ୍ ହସପିଟାଲରେ ମଧ୍ୟ ୧୦ଟି ଆଇସିୟୁ ଶଯ୍ୟା ରହିଛି । ଏହାକୁ ମଧ୍ୟ ଯଥା ଶୀଘ୍ର ୫୦ଟି ଆଇସିୟୁ ଶଯ୍ୟା ପ୍ରତିଷ୍ଠା କରିବା ପାଇଁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସମାନ୍ତଙ୍କ ସହ ବିଧାୟକ ଶ୍ରୀ ମିଶ୍ର ଅଲୋଚନା କରିଛନ୍ତି । କିସ୍‌ରେ ୫୦ ଆଇସିୟୁ ଶଯ୍ୟା ବ୍ୟବସ୍ଥା କରିବା ପାଇଁ ଏହା ପୁର୍ବରୁ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଅଚ୍ୟୁତ ସାମନ୍ତଙ୍କ ସହ ଅଲୋଚନା କରିବା ସହ ଚିଠି କରିଥିଲେ ।

ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ କରୋନା ବ୍ୟବସ୍ଥାକୁ ମଜବୁତ କରିବାରେ ଜିଲ୍ଲାପାଳଙ୍କ ଏହି ପ୍ରୟାସକୁ ବିଧାୟକ ଶ୍ରୀ ମିଶ୍ର ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଛନ୍ତି । ଭୀମ ଭୋଇ ମେଡ଼ିକାଲ କଲେଜରେ ପିଜି ବିଭାଗ ଖୋଲି ନଥିବାରୁ ବର୍ତ୍ତମାନ ସୁପର ସ୍ପେସିଆଲିଟି ବିଭାଗ ଖୋଲିବ ନାହିଁ ବୋଲି ସରକାର ଶ୍ରୀ ମିଶ୍ରଙ୍କୁ ବିଧାନସଭାରେ ଉତ୍ତର ଦେଇଥିଲେ ଏବଂ ସୁପର୍ ସ୍ପେସିଆଲିଟି ବିଭାଗ ଖୋଲିବାକୁ ହେଲେ ଆଇନରେ ସଂଶୋଧନର ଅବଶ୍ୟକତା ପଡିପାରେ ବୋଲି କହିଥିଲେ ।

ବଲାଙ୍ଗିରବାସୀଙ୍କୁ ଦରକାର ହେଉଥିବା ସୁପର ସ୍ପେସିଆଲିଷ୍ଟ ଚିକିତ୍ସା ପାଇଁ ଏକ ସ୍ଥାୟୀ ହସପିଟାଲ ଖୋଲିବାକୁ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅଲୋଚନା ସମୟରେ ବିଧାୟକ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି । ତା' ସହିତ ଯେତେ ଶୀଘ୍ର ହେବ ଆଇନରେ ସଂଶୋଧନ କରି କିମ୍ବା ନୂତନ ଆଇନ ଆଣି ବଲାଙ୍ଗିର ସମେତ ଯେଉଁ ମେଡିକାଲ କଲେଜରେ ଗୁଡ଼ିକରେ ସୁପର ସ୍ପେସିଆଲିଟି ଚିକିତ୍ସା ଆରମ୍ଭ ହୋଇନାହିଁ, ସେଠାରେ ଯଥା ଶୀଘ୍ର ଚିକିତ୍ସା ଉପକରଣ ଓ ଡାକ୍ତର ଯୋଗଇ ଦିଆଯାଉ ବୋଲି ଶ୍ରୀ ମିଶ୍ର ସରକାରଙ୍କ ସମ୍ମୁଖରେ ଦୃଢ ଦାବୀ ପ୍ରସ୍ତୁତ କରିଛନ୍ତି ।

# କରୋନାରେ ଘରେ ସୁସ୍ଥ ହେଇଥିବା ଜଣେ କରୋନା ବିଜୟୀଙ୍କ କଥା



ଏବେ ସାରା ବିଶ୍ୱ କରୋନାର କବଳରେ । ଭାରତରେ ଦିନକୁ ଲକ୍ଷାଧିକ କରୋନା ସଂକ୍ରମିତଙ୍କ ସଂଖ୍ୟା ନଜରକୁ ଆସୁଥିବା ବେଳେ ଓଡିଶାରେ ପାଖାପାଖି ଦଶ ହଜାର ସଂକ୍ରମିତ ପ୍ରତିଦିନ । କରୋନା ଆକ୍ରାନ୍ତଙ୍କ ଅବସ୍ଥାକୁ ଦେଖି ଘରେ ପୃଥକବାସରେ ରହି ଚିକିତ୍ସା ପାଇଁ ପରାମର୍ଶ ଦେଉଛନ୍ତି ଡାକ୍ତର । ତେବେ ସୋସିଆଲ ମିଡିଆରେ କେବଳ କରୋନାରେ ମୃତ୍ୟୁବରଣ କରିଥିବା ଫଟୋ ଓ ଖବର ଦେଖି ଦେଖି ମନ ଭାରାକ୍ରାନ୍ତ ହେଉଥିବା ବେଳେ ଏବେ କରୋନାକୁ ଏକା ଏକା ଘରେ ସଂଗରୋଧରେ ରହି ସୁସ୍ଥ ହେଉଥିବା ଜଣେ କରୋନା ବିଜୟୀଙ୍କ କଥା ଆମେ ଆମ ସାମ୍ନାରେ ଥୋଇବୁ, ଯାହାକୁ ନେଇ ଜନସାଧାରଣ ତଥା କରୋନା ଆକ୍ରାନ୍ତଙ୍କ ମନୋବଳ ଦୃଢ ହେବ ଏବଂ ସେମାନେ ବି କରୋନାକୁ ଜିତିବେ । ଆତ୍ମପ୍ରତ୍ୟୟ କାଏମ୍ ରହିବ । କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ତଳସାଗରପଡାର ପ୍ରଭାସ ମହାଖୁଡ(୪୫) । ଏକ ଘରୋଇ ମହାବିଦ୍ୟାଳୟରେ କାମ କରୁଥିବା ପ୍ରଭାସଙ୍କ ପାଖରେ କରୋନା ଲକ୍ଷଣ ଦେଖାଗଲା । ଗତ ଅପ୍ରେଲ ୧୯ ତାରିଖ ଦିନ ସେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟେଷ୍ଟ କରେଇଥିଲେ । କରୋନା ପଜିଟିଭ ରିପୋର୍ଟ ଆସିଲା । ଡାକ୍ତରଙ୍କ ପରାମର୍ଶ ମାନିଲେ ଏବଂ ଘରେ ଗୃହ ପୃଥକ ବାସରେ ରହିଲେ । ମେଡିକାଲ ତରଫରୁ ଦିଆଯାଇଥିବା ଔଷଧ ସହିତ ଘରେ ପ୍ରସ୍ତୁତ ଖାଦ୍ୟ ଖାଉଥିଲେ । ଘରେ ଏକ ସ୍ୱତନ୍ତ୍ର କୋଠରୀରେ ରହି ସେ ସମୟାନୁଯାୟୀ ଔଷଧ ଖାଇଲେ । ତେବେ ପ୍ରଥମ ଗୋଟିଏ ଦିନ ପରେ ଆଉ ଦୁଇଦିନ ଛାତି, ଅଂଟା, ପିଠି, ପଞ୍ଜରାରେ ପୀଡା ଅନୁଭବ କଲେ । ଦୁଇ ଦିନ କାଳ ଭୀଷଣ ଜ୍ୱର ହେଇଥିଲା । ତଥାପି ତାଙ୍କ ମନୋବଳ ଦୁର୍ବଳ ହୋଇ ନଥିଲା । ଧୀରେ ଧୀରେ ଜ୍ୱର କମିଲା, ପୀଡା ଦୂର ହେଲା । ପୃଥକବାସରେ ରହିବା ଭିତରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ସମୟାନ୍ତରରେ ପଚାରିବୁଝିଲେ ସ୍ୱାସ୍ଥ୍ୟ ବିଭାଗରେ କର୍ମରତ ଡାକ୍ତର ଏବଂ କର୍ମଚାରୀ । ପରାମର୍ଶ ବି ଦେଉଥିଲେ ।

ପ୍ରଶାସନ ତରଫରୁ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଖବର ନିଆଯାଉଥିଲା, ଯାହା ତାଙ୍କୁ ଖୁବ୍ ପ୍ରଭାବିତ କରୁଥିଲା । ନିଜ ଭିତରେ ନିଜକୁ ବୁଝାଉଥିଲେ । କରୋନାକୁ ଜିତିବାକୁ ସେ ଲାଗି ପଡିଥିଲେ । ଦୀର୍ଘ ସତର ଦିନ ଘରେ ପୃଥକବାସ ପରେ ସେ ଘରୋଇ ପରୀକ୍ଷଣ କରିଥିଲେ ଏବଂ ରିପୋର୍ଟ ନେଗେଟିଭ ଆସିଥିଲା । ପୃଥକ ବାସରୁ ବାହାରିବା ପରେ ଆମ ପତିନିଧି ତାଙ୍କୁ ଭେଟି ସମସ୍ତ କଥା ପଚାରି ବୁଝିଥିଲେ । ନିଜ ଅନୁଭୂତି କହିବାକୁ ଯାଇ ସେ କହିଥିଲେ, ପ୍ରଥମ କିଛି ଦିନ ତ ଜ୍ୱର ଏବଂ ବିଭିନ୍ନ ଯନ୍ତ୍ରଣା ହେଇଥିଲା, କିନ୍ତୁ ପରେ ପରେ ସେସବୁ କମିବାରେ ଲାଗିଲା ।

ତେଣୁ କରୋନାକୁ ଘରେ ପୃଥକବାସରେ ରହି ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ଅନୁଯାୟୀ କାମକଲେ ନିଶ୍ଚିତ ସୁସ୍ଥ ହେଇପାରିବେ ବୋଲି କହିବା ସହିତ ସମସ୍ତେ ମାସ୍କ ଏବଂ ସାମାଜିକ ଦୂରତା ନିଶ୍ଚିତ ବଜାୟ ରଖନ୍ତୁ ବୋଲି ନିବେଦନ କରିଛନ୍ତି ।

## ସଂପାଦକୀୟ

### ସାକାରାତ୍ମକ ଭାବନା କରୋନା ସଂକ୍ରମଣ ସମୟରେ ଅମୃତ ତୁଲ୍ୟ

ମନସ୍ତତ୍ତ୍ୱବିଦ୍ ମାନଙ୍କ କହିବା ଅନୁସାରେ ସାକାରାତ୍ମକ ଭାବନା କରୋନା ସଂକ୍ରମଣ ସମୟରେ ଅମୃତ ତୁଲ୍ୟ । ପ୍ରତି ମୁହୂର୍ତ୍ତରେ ଜିଣିବାର ମାନସିକତା କରୋନାକୁ ପରାସ୍ତ କରି ପାରିବ । ମନୋବଳ ବଳିଷ୍ଠ ହେଲେ, କରୋନାକୁ ସାମ୍ନା କରିବାକୁ ଅନ୍ତଃଚେତନା ଉଦୟ ହେବ । ମନସ୍ତତ୍ତ୍ୱବିଦ୍ ମାନେ ଏହା ମଧ କହୁଛନ୍ତି ଯେ, ଯେଉଁମାନେ ମାନସିକ ସ୍ତରରେ ସାମାନ୍ୟ ଦୁର୍ବଳ ତଥା ଭୟାଳୁ, ସେମାନଙ୍କ ପାଇଁ କରୋନା ଘାତକ ହୋଇପାରେ । ଏଣୁ କରୋନା ପ୍ରତି ଭୟାତୁର ନ ହୋଇ କରୋନାକୁ ପରାସ୍ତ କରିବା ପାଇଁ ମନୋବଳକୁ ସୁଦୃଢ଼ କରିବା ଏକାନ୍ତ ବାଂଛନୀୟ ।

ସାକାରାତ୍ମକ ଚିନ୍ତନ ଏବଂ ଦୃଢ଼ ମନୋବଳକୁ ନେଇ ଆମ ସମାଜରେ ଅନେକ ଉଦାହରଣ ମଧ୍ୟ ରହିଛି । ଏପରିକି ଜଣେ କ୍ୟାନ୍ସର୍ ଯୋଗୁଁ ମଧ୍ୟ ନିଜର ଶୃଙ୍ଖଳିତ ଜୀବନ ଚର୍ଯ୍ୟା ତଥା ସାକାରାତ୍ମକ ଚିନ୍ତନ ଓ ଦୃଢ଼ ମନୋବଳ ଯୋଗୁଁ କ୍ୟାନ୍ସର୍ ଭଳି ମାରାତ୍ମକ ରୋଗରୁ ନିଜକୁ ମୁକ୍ତ କରି ପାରିଥିବା ଏକ ବହୁଚର୍ଚ୍ଚିତ ଖବର ନିକଟ ଅତୀତରେ ଭାଇରାଲ୍ ହୋଇଥିଲା । ଏପରି ବହୁସଂଖ୍ୟାର ଉଦାହରଣ ଆମ ସମାଜରେ ନିହାତି ଉପଲବ୍ଧ । ଏଣୁ କରୋନାକୁ ପରାସ୍ତ କରିବାର ମାନସିକତା ନିଜ ଭିତରେ ଧାରଣ କରିବା ଆଜିର ସମୟର ଏକ ମୁଖ୍ୟ ଆହ୍ୱାନ ହୋଇପାରେ ।

ଏଭଳି ମହାମାରୀର ସଂକ୍ରମଣ କାଳରେ ସମସ୍ତେ ସଚେତନ ହେବା ଏକାନ୍ତ ଆବଶ୍ୟ । ବାରମ୍ବାର ହାତ ଧୋଇବା, ମୁହଁରେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ବିଷୟକୁ ମନ୍ତ୍ର କରି ନିହାତି ଦରକାର ନ ହେଲେ ଘରୁ ବାହାରିବା ଉଚିତ ନୁହେଁ । ସରକାରଙ୍କ ଦ୍ୱାରା ସଂକ୍ରମଣ ଚେନ୍ ଭାଙ୍ଗିବାକୁ କରାଯାଇଥିବା ଲକ୍ ଡାଉନ୍, ସଟ୍ ଡାଉନ୍ ବ୍ୟବସ୍ଥାକୁ ମାନିବା ସହ କରୋନା ଗାଇଡ଼ ଲାଇନ୍ ପାଳନ କରିବା ବିଧେୟ । ଆସନ୍ତୁ, ଆମେ ସମସ୍ତେ ସଚେତନତ ହେବା ଓ କରୋନା କବଳରୁ ନିଜକୁ ତଥା ନିଜର ଅତି ପ୍ରିୟ ମାନବ ସମାଜକୁ ରକ୍ଷା କରିବା ।

# ଡା.ଆଶୀର୍ବାଦ ଶତପଥିଙ୍କ କରୋନା ସଂକ୍ରାନ୍ତୀୟ ମତ : ନାରୀ ଶକ୍ତି ସଂଗଠନ ତରଫରୁ ଶୁଭେଚ୍ଛା



ବଲାଙ୍ଗିର, (ନିପ୍ର) : ଭୀମ ଭୋଇ ମେଡିକାଲ କଲେଜର ମାନସିକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା.ଆଶୀର୍ବାଦ ଶତପଥି ମତ ଦେଇଛନ୍ତି ଯେ, ବର୍ତ୍ତମାନ ସମୟରେ ସମସ୍ତଙ୍କ ଚିନ୍ତାରେ କେବଳ କରୋନା ଉପରେ ରହିଛି । ବର୍ତ୍ତମାନ ସମସ୍ତେ ବୁଝିବା ଆବଶ୍ୟକ ଯେ, ମାନସିକ ସ୍ଥିତି ଦୃଢ଼ ରହିବା ନିହାତି ଆବଶ୍ୟକ । ସ୍ଥିତି ଉପରେ ଚିନ୍ତା କରି ଲୋକେ ମାନସିକ ଅବସାଦଗ୍ରସ୍ତ ହେଉଛନ୍ତି । ଶିଶୁ ହେଉ କି ବୟସ୍କ, ମନର ସ୍ଥିତି ଦୃଢ ରହିବା ଅତ୍ୟନ୍ତ ଆବଶ୍ୟକ । ଏହି ପରିସ୍ଥିତିରେ ସମସ୍ତେ ସମସ୍ତଙ୍କୁ ମାନସିକ ଭାବରେ ସହାଚାର୍ଯ୍ୟ ପ୍ରଦାନ କରିବା ଉଚିତ । ବର୍ତ୍ତମାନ ମାନସିକତା ଦୃଢ ରହିବା ଆବଶ୍ୟକ । କିଛି ଅସୁବିଧା ହେଲେ ସମସ୍ତଙ୍କ ସହ ଆଲୋଚନା କରି ଉପାୟ କାଢ଼ିବା ଉଚିତ । କରୋନାକୁ ନ ଡରି ସମସ୍ତେ ମିଶି ସାମ୍ନା କରିବା ଜରୁରୀ । ଭୀମ ଭୋଇ ମେଡିକାଲ ଓ କଲେଜର ମାନସିକ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡା.ଆଶୀର୍ବାଦ ଶତପଥି କରୋନା ମହାମାରୀ କାଳରେ ମାର୍ଗ ଦର୍ଶନ କରିଥିବା ଯୋଗୁଁ ନାରୀ ଶକ୍ତି ସଂଗଠନ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ




ଭୁବନେଶ୍ୱର, (ନିପ୍ର) : କରୋନା ଦ୍ୱିତୀୟ ଲହରକୁ ରୋକିବା ପାଇଁ ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଏବଂ ସପ୍ତାହାନ୍ତ ସଟ୍‌ଡାଉନ୍ ଘୋଷଣା କରାଯାଇଛି । ନିହାତି ଆବଶ୍ୟକ ନଥିଲେ ବାହାରକୁ ବାହାରନ୍ତୁ ନାହିଁ । ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ । ଲକ୍ ଡାଉନ୍ ଓ ସଟ୍ ଡାଉନ୍‌କୁ ମାନି ଚଳନ୍ତୁ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି ।

# କରୋନା ସଂକ୍ରମଣକୁ ରୋକିବାକୁ ହେଲେ ସଂକମଣ ଚେନ୍ ଭାଙ୍ଗିବାକୁ ହେବ



ନୂଆଦିଲ୍ଲୀ : କରୋନା ସଂକ୍ରମଣକୁ ରୋକିବାକୁ ହେଲେ ସଂକ୍ରମଣ ଚେନ୍‌କୁ ନିହାତି ଭାଙ୍ଗିବାକୁ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । ଦେଶବାସୀ ଯେତେ ପରିମାଣରେ ସାମାଜିକ ଦୂରତା ଅବଲମ୍ବନ କରିବେ ଏବଂ ଲକ୍‌ଡାଉନ୍ ସଟ୍‌ଡାଉନ୍‌କୁ ପାଳନ କରିବେ ସେତେ ପରିମାଣରେ ସଂକ୍ରମଣ ଚେନ୍ ଭାଂଗିବ । ଏଥିପ୍ରତି ସମସ୍ତେ ସଚେତନ ହେବା ଏକାନ୍ତ ଆବଶ୍ୟକ ।


ସଚେତନତା ତଥା ସମୟୋଚିତ ପଦକ୍ଷେପ ଦ୍ୱାରା କରୋନାକୁ ପରାସ୍ତ କରାଯାଇ ପାରିବ । କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ପାଳନ କଲେ, କରୋନା ପାଖ ମାଡ଼ିବ ନାହିଁ । ବାରମ୍ବାର ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର୍ ବ୍ୟବହାର କରିବା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ସବୁଠାରୁ ବେଶୀ ଜରୁରୀ ହେଲା, ନିହାତି ଦରକାର ନ ହେଲେ ଘରୁ ନ ବାହାରିବା । ଯେମିତି ସମ୍ଭବ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ।

- ଜଣେ ଶୁଭେଚ୍ଛୁ

# ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି ଏ ସରକାର ଏତେ ଭୟଭୀତ କାହିଁକି : ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ

ପଦ୍ମପୁର, (ନିପ୍ର) : ଓଡିଶାର ପଶ୍ଚିମାଂଚଳ ଜିଲ୍ଲା ଗୁଡିକରେ କରୋନା ମହାମାରୀ ତାର ଭୟଙ୍କର ରୂପ ବିସ୍ତାର କରି ଚାଲିଛି । ଦୈନନ୍ଦିନ ପ୍ରତ୍ୟେକ ହସ୍ପିଟାଲରୁ ମୃତ୍ୟୁର ଖବର ଆସି ପହଂଚୁଛି । ତେବେ ଏଭଳି ପରିସ୍ଥିତିରେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଓସିଏଲ ସିଏସଆର ପାଣ୍ଠିରୁ ୧୦୦ଟି ଆଇସିୟୁ, ଭେଂଟିଲେଟରର ବ୍ୟବସ୍ଥା କରି ଗତ ୭ ତାରିଖ ଦିନ ଏହାର ଉଦ୍‌ଘାଟନ କରିବା ପରେ ଓଡ଼ିଶା ସରକାର ହଠାତ ନିଦରୁ ଉଠିଲା ପରି ଲାଗୁଛି ବୋଲି ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଗତ ୨ ମାସ ହେଲା ଛତିଶଗଡ ସୀମାନ୍ତକୁ ଲାଗିଥିବା ବରଗଡ, ନୂଆଁପଡା, କଳାହାଣ୍ଡି, ସୁନ୍ଦରଗଡ, ଝାରସୁଗୁଡ଼ା, ବଲାଙ୍ଗିର ଆଦି ଜିଲ୍ଲାରେ କରୋନା ମହାମାରୀର ପ୍ରବେଶ ସହ ଏବେ ସାରା ପଶ୍ଚିମାଂଚଳରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି । ୨ ମାସ ଧରି ଲୋକେ କରୋନାରେ ଆକ୍ରାନ୍ତ ହୋଇ ପୋକ ମାଛି ଭଳି ମରୁଥିବା ବେଳେ ଓଡ଼ିଶା ସରକାର ଲୋକଙ୍କ ଜନ ଜୀବନ ସୁରକ୍ଷା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି । ପଶ୍ଚିମାଂଚଳରେ ହସ୍ପିଟାଲ, ପିଏଚ୍‌ସି, ସିଏଚ୍‌ସି, ଜିଲ୍ଲା ସଦର ମହକୁମା, ମେଡିକାଲ କଲେଜ ହସ୍ପିଟାଲ ଗୁଡ଼ିକୁ କରୋନା ମୁକାବଲା କରିବା ପାଇଁ ଟେଷ୍ଟିଙ୍ଗ କିଟ, ଔଷଧ, କୋଭିଡ ଇଂଜେସନ, ଅକ୍ସିଜେନ, ଆମ୍ବୁଲାନ୍ସ, ମୃତ୍ୟୁବରଣ କରୁଥିବା ଲୋକଙ୍କ ପାଇଁ ଶବ ବାହକ ଗାଡି ଆଦି ଯୋଗାଇ ଦେବାରେ ସରକାର ଅସମର୍ଥ ହୋଇଛନ୍ତି । ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଶ୍ରମିକଙ୍କ ପାଇଁ ଆଜିଯାଏ ସରକାର କୌଣସି ଠାରେ କ୍ୱାରେନ୍‌ଟାଇନ୍ ସେଂଟର ପ୍ରତିଷ୍ଠା କଲେ ନାହିଁ । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଲୋକଙ୍କ ଜୀବନ ବଂଚାଇବା ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଓସିଏଲ ୧ ଶହଟି ଆଇସିୟୁ ଭେଂଟିଲେଟର ଉଦଘାଟନ ସହ ଗ୍ରାମାଂଚଳର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାର ୩୩୩ କୋଟି ଓଡିଶା ରାଜ୍ୟକୁ ପ୍ରଦାନ କରିବା, ଏନଏଚ୍‌ଏଆଇ ସହାୟତାରେ ପଶ୍ଚିମାଂଚଳର ଝାରସୁଗୁଡ଼ା, ବୌଦ୍ଧ ସମେତ ରାଜ୍ୟ ସାତଟି ସ୍ଥାନରେ ଅକ୍ସିଜେନ ପ୍ଲାଂଟ ସ୍ଥାପନ କରିବା, ଏପରି କି ଏମସିଏଲ ଓ ଅନ୍ୟାନ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଉଦ୍ୟୋଗ ଗୁଡିକ କରୋନା ମହାମାରୀକୁ ମୁକାବିଲା କରିବା ପାଇଁ ସହାୟତାର ହାତ ବଢାଇଛନ୍ତି । ୨ ମାସ ଧରି ରାଜ୍ୟ ସରକାର ଚିର ନିଦ୍ରାରେ ଶୋଇବା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଏଭଳି ଭୂମିକାରେ ରାଜ୍ୟ ସରକାର ଭୟଭୀତ ହୋଇ ହଠାତ ନିଦରୁ ଉଠିଲା ପରି ମନେ ହେଉଛି । ବିଜୁ ଜନତା ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବରଗଡ ଗସ୍ତ କରି ତାଙ୍କ ଦଳର ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ପ୍ରଶାସନ ସହ ରୁଦ୍ଧ ଦ୍ୱାର ବୈଠକ ଓ ତହିଁ ପରଦିନ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ବରଗଡ ସମେତ ପଶ୍ଚିମାଂଚଳ ଗସ୍ତରୁ ଜଣାପଡୁଛି ଯେ, ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କୁ ଏ ସରକାର କେତେ ଭୟ କରୁଛି ଏଥିରୁ ତାହା ପ୍ରମାଣିତ ହେଉଛି ବୋଲି ଶ୍ରୀ ପୁରୋହିତ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭରଚୁଏଲ ମିଟିଂ ଜରିଆରେ ବରଗଡର ଏହି ଭେଂଟିଲେଟର ବ୍ୟବସ୍ଥା ଉଦଘାଟନ କରି ନ ଥିଲେ ବୋଧେହୁଏ ଓଡିଶା ସରକାରଙ୍କ ନିଦ ଆଜିଯାଏଁ ଭାଙ୍ଗି ନ ଥାଆନ୍ତା ବୋଲି ମଧ୍ୟ ସେ ଆକ୍ଷେପ କରିଛନ୍ତି ।



# ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ନାହାନ୍ତି ଡାକ୍ତର : ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟ ସେବା




ଦେଓଗାଁ, (ନିପ୍ର) : ଜଙ୍ଗଲ ଘେରା ଗାଁଗୁଡିକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଜେଇ ହେଉଛି । କିନ୍ତୁ ବର୍ଷ ବର୍ଷ ଧରି ନାହାନ୍ତି ଡାକ୍ତର । ହେଲେ ଆୟୁଷ ଡାକ୍ତରଙ୍କ ଉଦ୍ୟମରେ ଗୋଟିଏ ପ୍ରକାର ମିନି ପାର୍କ ସାଜିଛି ସ୍ୱାସ୍ଥ୍ୟ କେନ୍ଦ୍ର । ଚିକିତ୍ସା ପାଇଁ ପ୍ରତିଦିନ ରୋଗୀ ଆସୁଛନ୍ତି । ଡାକ୍ତର ଅଭାବ ଯୋଗୁଁ ଠିକ୍ ଭାବରେ ଚିକିତ୍ସା ନ ପାଇ ଫେରୁଛନ୍ତି । କାନ୍ଥ ବାଡ଼ରେ ଥିବା ଲାଇଭ ଏକ୍ସପ୍ରେସରେ ସେଲ୍ଫି ନେଇ ଯୋଗ ଅଭ୍ୟାସ କରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ । ଏଠାରେ ନାହାନ୍ତି ଏମବିବିଏସ୍ ଡାକ୍ତର କି ଏନ୍‌ଏମ୍ ଦିଦି । ଆୟୁଷ ଡାକ୍ତର ଲଳିତ ସାହୁଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟ ସେବା ।

ପ୍ରକାଶ ଥାଉକି ଦେଶରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ 'ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର' ଭାବେ ନୂତନ ରୂପରେଖ ଦିଆଯିବା ସହ ଗତ ୨୦୧୮ ମସିହା ଅପ୍ରେଲ ୧୪ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡର ବିଜାପୁର ଠାରେ ପ୍ରଥମ ହେଲ୍‌ଥ୍ ଏଣ୍ଡ୍ ୱେଲନେସ୍ ସେଂଟରକୁ ଲୋକାର୍ପଣ କରିଥିଲେ । ମା' ତଥା ଶିଶୁ ମୃତ୍ୟୁହାର ଯଥା ସମ୍ଭବ କମ କରିବା, ଅଣ ସଂକ୍ରାମକ ରୋଗ ଯେଭଳି ଉଚ୍ଚ ରକ୍ତଚାପ, ମଧୁମେହ, କ୍ୟାନସର ଆଦିର ନିୟମିତ ଯାଂଚ ତଥା ଚିକିତ୍ସା ପ୍ରଦାନ, ମାଗଣାରେ ଔଷଧ ତଥା ନିଦାନ ସେବା ଯୋଗାଇବା, ଟେଲି ମେଡିସନ ମାଧ୍ୟମରେ ଉଚ୍ଚସ୍ତରର ଡାକ୍ତରଙ୍କ ପରାମର୍ଶ ରୋଗୀକୁ ସେଠି ଥାଇ ଯୋଗାଇ ପାରିବା, ନିୟମିତ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାର ପରାମର୍ଶ ଦେବା ସହ ଯୋଗ ଶିକ୍ଷା ମାଧ୍ୟମରେ ଦୀର୍ଘଦିନ ନିରୋଗ ରହିବା ଲୋକଙ୍କୁ ଶିଖାଇବା ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରମାନ ପ୍ରତିଷ୍ଠାର ହେଉଛି ମୂଳ ଲକ୍ଷ୍ୟ । ୨୦୨୧ ତୃତୀୟ ବର୍ଷ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା ଦିବସ ଅବସରରେ ବଲାଙ୍ଗିର ଜିଲ୍ଲାର ଏକ ଉପାନ୍ତ ଅଂଚଳରେ ଥିବା ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥିତି କେନ୍ଦ୍ରର ଅବସ୍ଥା କିପରି ଅଛି ତାର ସ୍ଥିତି ପରଖିଥିଲୁ, ଯାହା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରହିଛି । ଏକ ମନମୁଗ୍ଧକର ପରିବେଶ ମଧ୍ୟରେ ଆରୋଗ୍ୟ କେନ୍ଦ୍ର ନାମକୁ ଯଥାର୍ଥ ପ୍ରଦାନ କଲା ଭଳି ଏକ ଦୃଷ୍ଟାନ୍ତ ଏହି ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର । ପ୍ରାୟ ୨୫ ବର୍ଷ ପୁରୁଣା ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ୫ଟି ପଂଚାୟତର ୨୩ଟି ଗାଁର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ଏହା ଉପରେ ନିର୍ଭର କରନ୍ତି । ଆହୁରି ମଧ୍ୟ ଏକ ଅନୁସୂଚିତ ଜାତି ଝିଅଙ୍କ ଆବାସିକ ବିଦ୍ୟାଳୟ ଏଠି ଥିବା ବେଳେ ପ୍ରାୟ ୮୦୦ ଅନ୍ତେବାସୀ ଛାତ୍ରୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଏଠିକି ଆସିଥାନ୍ତି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭାବେ ଘୋଷଣା ହେବା ପରେ ସମ୍ମୁଖ ଭାଗକୁ ନିର୍ଦ୍ଦିଷ୍ଟ ଢାଂଚାରେ ଚିତ୍ରିତ କରାଯାଇଛି, ଯାହା ବେଶ ଆକର୍ଷଣ ହୋଇଛି । ରୋଗୀ ଅପେକ୍ଷା କରିବା ପାଇଁ ପ୍ରତୀକ୍ଷାଳୟର ବ୍ୟବସ୍ଥା ହୋଇଛି । ପ୍ରବେଶ ଦ୍ୱାରରେ ଏକ ମ୍ୟାପରେ ଉପଲବ୍ଧ ସେବା ସମ୍ବନ୍ଧୀୟ ବିବରଣୀ ସ୍ପଷ୍ଟ ଭାବେ ଦର୍ଶାଯାଇଛି । ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ସବୁ ୱାଲପେଂଟିଙ୍ଗ, ସାଇନ୍‌ବୋର୍ଡ, ଫ୍ଲେକ୍ସ ବ୍ୟାନର ମାଧ୍ୟମରେ କ୍ୟାମ୍ପସ ସାରା ଲଗାଯାଇଛି । ସବୁଠୁ ବଡ କଥା ବର୍ଜ୍ୟବସ୍ତୁ ପ୍ରସମନ ଅଂଚଳକୁ ବାୟୋହାଜାର୍ଡ ବୋର୍ଡ ଲଗାଇ ନିଶିଦ୍ଧାଂଚଳ ଘୋଷଣା କରାଯାଇଛି । କ୍ୟାମ୍ପସ ପରିସର ମଧ୍ୟରେ ଏକ ଔଷଧୀୟ ବୃକ୍ଷ ବଗିଚା ଅଛି, ଯେଉଁଠି ସମସ୍ତ ଗଛର ନାମ, ଔଷଧୀୟ ଗୁଣ ଆଦି ଲେଖାଯାଇଛି । ଯୋଗାସନ ଅଭ୍ୟାସ ପାଇଁ ଏକ ଲନ୍ ଅଛି, ଯେଉଁଠି ପ୍ରତ୍ୟହ ସକାଳୁ ଲୋକେ ଯୋଗ ଅଭ୍ୟାସ କରୁଛନ୍ତି । ନିରାମୟ ଯୋଜନା ଅନୁଯାୟୀ ରୋଗୀମାନେ ମାଗଣା ଔଷଧ ଏଠି ପାଇ ପାରୁଛନ୍ତି । ଏଠି ଜଣେ ଆୟୁର୍ବେଦିକ ଡାକ୍ତର ଥିବାରୁ ଲୋକେ ଆୟୁର୍ବେଦିକ ଚିକିତ୍ସା ଉପଦେଶ ସହ ଔଷଧ ମଧ୍ୟ ପାଇ ପାରୁଛନ୍ତି । ଡାଇବେଟିସ, ବ୍ଲଡପ୍ରେସର୍ ଭଳି ଅଣସଂକ୍ରାମକ ରୋଗର ନିୟମିତ ଯାଂଚ ସହ ଔଷଧ ଲୋକେ ଏଠି ପାଇ ପାରୁଛନ୍ତି ।

ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଟେଲି ମେଡ଼ିସିନ ସେବା ଖୁବଶୀଘ୍ର ହେବ ବୋଲି ଡାକ୍ତର ଲଳିତ ସାହୁ ସୂଚନା ଦେଇଛନ୍ତି । ଏହି ହସ୍ପିଟାଲର ସୁସ୍ଥ ପରିବେଶ ଦ୍ୱାରା ହସ୍ପିଟାଲ ପ୍ରତି ମନରେ ଆସୁଥିବା ଭୟକୁ ଦୂର କରିବା ସହ ଅଧା ରୋଗ ଭଲ କରି ଦେଉଥିବା ସ୍ଥାନୀୟ ବାସିନ୍ଦା ମତ ରଖନ୍ତି । ଆଗାମୀ ଦିନମାନଙ୍କରେ ପ୍ରଶାସନ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରତି ବିଶେଷ ଦୃଷ୍ଟି ଦେଲେ ଲୋକେ ଆହୁରି ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଉଛି ।

# ପୁଅ ପରେ ବୋହୂ ଚାଲିଗଲା ଅକାଳରେ : ତିନି ନାତୁଣୀଙ୍କ ବୋଝ ବୋହୁଛି ବୃଦ୍ଧ ଜେଜେବାପା



କର୍ଲାମୁଣ୍ଡା, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଂଚାୟତର ଧଅଁରାଖମନ ଗାଁ । ଏଇ ଗାଁରେ ରହିଛନ୍ତି ବୃଦ୍ଧ ରାଜେନ୍ଦ୍ର ଭୋଇ (୬୪) । ପୁଅ, ବୋହୂ ଓ ତିନି ନାତୁଣୀଙ୍କୁ ନେଇ ତାଙ୍କର ଏକ ଖୁସିର ପରିବାର ଥିଲା । କିନ୍ତୁ ନିୟତି ସହିଲାନି, ଆଜକୁ ପ୍ରାୟ ପାଂଚ ବର୍ଷ ତଳେ ପୁଅ ଈଶ୍ୱର ଭୋଇ(୪୩)ଙ୍କ ଅକାଳ ମୃତ୍ୟୁ ଘଟିଥିଲା । ଈଶ୍ୱରଙ୍କ ମୃତ୍ୟୁ ପରେ ପରିବାର ସମ୍ଭାଳିଥିଲେ ବାପା ରାଜେନ୍ଦ୍ର ଓ ବୋହୂ ବିମିନି । କିନ୍ତୁ ଅବର୍ତମାନକୁ ଭୁଲିବାକୁ ପରିବାର ଚେଷ୍ଟା ଚଳାଇଥିବା ବେଳେ ଗତ ୩ ତାରିଖ ଦିନ ହଠାତ ବୋହୂ ବିମନି(୩୨)ଙ୍କର ଅକାଳ ମୃତ୍ୟୁ ଏ ପରିବାର ପାଇଁ ଆଣିଦେଲା ଦାରୁଣ ସ୍ଥିତି । ଏବେ ଏହି ପରିବାରରେ ରାଜେନ୍ଦ୍ରଙ୍କର ତିନି ନାତୁଣୀ ପିଙ୍କି(୧୫), ରିଙ୍କି(୧୩) ଓ ଜନନୀ (୦୮) । ଏମାନେ ବାପା, ମାଙ୍କୁ ଅକାଳରେ ହରାଇ ଅନାଥ ପାଲଟି ଯାଇଛନ୍ତି । ଏବେ ବିଶ୍ରାମ ନେବା ବୟସରେ ବୃଦ୍ଧ ରାଜେନ୍ଦ୍ରଙ୍କ କାନ୍ଧରେ ତିନି ନାତୁଣୀଙ୍କ ପ୍ରତିପୋଷଣ ଦାୟିତ୍ୱ । ବୁଲିବା, ଖେଳିବା ଓ ପଢିବା ସମୟରେ ଏଇ ତିନି ଝିଅ ବାପା, ମା'ଙ୍କୁ ହରାଇ ପୁରାପୁରି ମିୟମ୍ରାଣ ହୋଇ ପଡ଼ିଛନ୍ତି । ଏମାନଙ୍କର ଭବିଷ୍ୟତ କ'ଣ ହେବ, ସେଇ ଚିନ୍ତାରେ ବୃଦ୍ଧ ଜେଜେବାପା ରାଜେନ୍ଦ୍ର । ପରିବାର ପାଇଁ ଏକ ରାସନ କାର୍ଡରେ ମିଳୁଥିବା ଚାଉଳ ଓ ରାଜେନ୍ଦ୍ର ପାଉଥିବା ୫ଶହ ଟଙ୍କାର ଭତା ହିଁ ଏକମାତ୍ର ସାହାରା । ତେଣୁ ଏଇ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ପାଟଣାଗଡ଼ ଉପଖଣ୍ଡ କାର୍ଯ୍ୟରତ ସାମ୍ବାଦିକଙ୍କୁ କୋଭିଡ ଟୀକା ପ୍ରଦାନ : ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଲେ ସାମ୍ବାଦିକ ସମୂହ

ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡର ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜିକୃତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସରକାର ସାମୁଖ୍ୟ କୋଭିଡ ଯୋଦ୍ଧା ଘୋଷଣା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗଙ୍କ ନିର୍ଦ୍ଦେଶନା କ୍ରମେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିସରରେ ସାମ୍ବାଦିକମାନଙ୍କୁ କୋଭିଡ ଟୀକା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉପଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ତତ୍ୱାବଧାନରେ ଉପଖଣ୍ଡ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଟୀକା ପ୍ରଦାନ କରାଯାଇଛି । ଥାନାଧିକାରୀ ଜ୍ୟୋତିର୍ମୟ ଭୁକ୍ତା, ପାଟଣାଗଡ଼ ଡ଼ାକ୍ତରଖାନର ପୀତବାସ ସା', ଡାକ୍ତର ସ୍ମିତାରାଣୀ ଶତପଥୀ, ମନୋଜ ଆଚାର୍ଯ୍ୟ, ଘନଶ୍ୟାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ସମସ୍ତ ସାମ୍ବାଦିକମାନଙ୍କ ସୁବିଧାରେ ସାମାଜିକ ଦୂରତା ରଖି ଟୀକା ଗ୍ରହଣ କରିଛନ୍ତି । ପାଟଣାଗଡ଼ ଉପଖଣ୍ଡ ବରିଷ୍ଠ ସାମ୍ବାଦିକ ତଥା ସଂଘ ସଂପାଦକ ଲକ୍ଷ୍ମୀ କାନ୍ତ ମିଶ୍ର, ରାଜ୍ୟ ଓୟୁଜେ ବରିଷ୍ଠ ସଦସ୍ୟ ସଦାଶିବ ସରାଫ, ବଂଶୀଧର ସେଠ, ଉପଖଣ୍ଡ ଯୁବ ସାମ୍ବାଦିକ ସଂଘ ସଭାପତି କରୁଣାକର ବୁଡେକ, ସଂପାଦକ ବିମଳ କୁମାର ବାଗ, ଲଳିତ କୁମାର ମିଶ୍ର, ଦୀପକ ଖମାରୀ, ସୁନିଲ୍ ଚୋପଦାର, ବିଜୟାନନ୍ଦ ଦାସ, ତାପସ ରଂଜନ ବେହେରା, ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଟୀକା ନେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସହ ପାଟଣାଗଡ଼ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କୁ ସାମ୍ବାଦିକ ମାନେ ସାଧୁବାଦ ଜଣାଇଛନ୍ତି । ଏହି ଅବସରରେ ସାମ୍ବାଦିକମାନଙ୍କ ଟୀକା ପ୍ରଦାନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିବାରୁ ଫାର୍ମାସିଷ୍ଟ ଓ ଆରଆରଟି ମନୋଜ ଆଚାର୍ଯ୍ୟଙ୍କୁ ଉପଜିଲ୍ଲାପାଳ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

# କଂଟାବାଂଜିରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଂଟର କାର୍ଯ୍ୟକ୍ଷମ





କଂଟାବାଂଜି, (ନିପ୍ର) : ବଲାଙ୍ଗିର ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୯୪୮/ଏମରଜେନ୍ସି ଭି - ୦ ୧ / ୨ ୧ - ପି ଅ । ଇ ତା.୦୮.୦୫.୨୦୨୧ ମତେ ସୋମବାର ଦିନ କଂଟାବାଂଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣ ହୋଇଥିବା ୩ ମହଲା ବିଶିଷ୍ଟ ଏମ.ସି.ଏଚ୍. ବିଲଡିଙ୍ଗକୁ କୋଭିଡ କେୟାର ସେଂଟର ଭାବେ କାର୍ଯ୍ୟକ୍ଷମ କରାଯାଇଛି । ଏହି କୋଭିଡ କେୟାର ସେଂଟରରେ ୧୦୦ ଶଯ୍ୟା ବିଶିଷ୍ଟ କରାଯାଇଛି ଯଦ୍ୱାରା ଅଂଚଳର କୋଭିଡ ସଂକ୍ରମିତ ରୋଗୀମାନେ ଉପକୃତ ହେବେ । ସ୍ଥାନୀୟ ତହସିଲଦାର ତଥା ଏକଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ କୁମାର ମାଝିଙ୍କ ଦ୍ୱାରା ଉଦଘାଟିତ ହୋଇଛି । ଏହି କୋଭଡି ସେଂଟରର ସୁପରିଚାଳନା ପାଇଁ ଟିଟିଲାଗଡ ଉପଜିଲ୍ଲାପାଳ ସୋମେଶ ଉପାଧ୍ୟାୟ (ଅଥୋରାଇଜ୍ ପାର୍ସନ), ଡା. ସୌମ୍ୟଶ୍ରୀ ପ୍ରୀତିଦର୍ଶନ ପଣ୍ଡା (ସିଏଚ୍‌ସି ଅଥୋରାଇଜ୍ ମେଡିକାଲ ଅଫିସର), ତହସିଲଦାର କଂଟାବାଂଜି ଅଶୋକ କୁମାର ମାଝି ଅତିରିକ୍ତ ନୋଡାଲ ଅଫିସିର ଭାବେ ଦାୟୀତ୍ୱ ତୁଲାଇବା ନେଇ ଆଦେଶ ରହିଛି । କଂଟାବାଂଜି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସହ ପଡୋଶୀ ବେଲପଡା, ଖରିଆର ବ୍ଲକ ଅଂଚଳର କରୋନା ସଂକ୍ରମିତ ରୋଗୀ ଉପକୃତ ହେବେ ବୋଲି ଶ୍ରୀ ମାଝି କହିବା ସହିତ କଂଟାବାଂଜି ସରକାରୀ ଡାକ୍ତରଖାନାରେ ବିଭିନ୍ନ ଅନୁଷ୍ଠାନ ମାନଙ୍କ ଦ୍ୱାରା ଆବଶ୍ୟକ ସଂଖ୍ୟକ ଅକ୍ସିଜେନ ସିଲିଣ୍ଡର ମହଜୁଦ ସାଂଗକୁ ହସପିଟାଲରେ ଥିବା ଅକ୍ସିଜେନ ସିଲିଣ୍ଡର ରୋଗୀମାନଙ୍କୁ ଉଚିତ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ନିର୍ଝରିଣୀ ପକ୍ଷରୁ ଡ.ଅଜାମ୍ବର ମଲ୍ଲଙ୍କୁ ଶ୍ରଦ୍ଧାଂଜଳି ଉଦ୍ଦେଶ୍ୟରେ ସ୍ମୃତି ସଭା

କଂଟାବାଞ୍ଜି, (ନିପ୍ର) : କଂଟାବାଞ୍ଜିର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ନିର୍ଝରିଣୀ ଆନୁକୂଲ୍ୟରେ ସ୍ୱର୍ଗତ ଡ.ଅଜାମ୍ବର ମଲ୍ଲଙ୍କ ଭର୍‌ଚୁଆଲ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ନିର୍ଝରିଣୀର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ବିରଂଚି ନାରାୟଣ ଦାଶ ସଭା ପରିଚାଳନା କରିଥିଲେ । ଡ.ମଲ୍ଲ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସୁବକ୍ତା, ସ୍ତମ୍ଭକାର, ଲେଖକ, ସର୍ବୋପରି ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ସାରସ୍ୱତ ସାଧକ ଥିଲେ ।

କରୋନା ସଂକ୍ରମଣ କାଳ ଯୋଗୁଁ ଶୁଭେଚ୍ଛୁ ମାନେ ଅନଲାଇନରେ ସର୍ବ ପ୍ରଥମେ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପ୍ରାର୍ଥନା ପରେ କଣ୍ଠଶିଳ୍ପୀ ଅଶୋକ ସାହୁ ଭଜନ ପରିବେଷଣ କରିଥିଲେ । ଏହି ସଭାରେ ଡ.ଯୁଗଳ କିଶୋର ଷଡ଼ଙ୍ଗୀ, ଭିକାରୀ ଚରଣ ମିଶ୍ର, ଗଜାନନ ମିଶ୍ର, ସୁକାନ୍ତ ସାହୁ, ସବିତା ଭୋଇ, ଜ୍ୟୋତିପ୍ରକାଶ ଗଡତ୍ୟା, ନାରାୟଣ ମିଶ୍ର, ସୁରୁଚି ମିଶ୍ର, ରାଜମଣି ସାହୁ, ରାଜୀବ ପ୍ରସାଦ ଭୋଇ, ଧୀରାମଣି ଦାସ, ବୃନ୍ଦାବନ କୁମ୍ଭାର, ମଧୁସୂଦନ




ମିଶ୍ର, ଗୀତାଞ୍ଜଳି ରଥ, ଆଶିଷ ରଥ, ଅଶୋକ ସାହୁ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# କାମ କରିବା ବେଳେ କରେଣ୍ଟ ଲାଗି ହାତ ହରାଇଥିବା ଗଣନାଥକୁ ମିଳୁନି ଭତ୍ତା

ତୁରେକେଲା, (ନିପ୍ର) : ହିଆଲ ଗ୍ରା.ପ.ର ଗଣନାଥ ମଲିକ(୪୫) ନାମକ ଜଣେ ଆଦିବାସୀ ସଂପ୍ରଦାୟର ଯୁବକ କାମ କରିବା ବେଳେ ହାତ ହରାଇ ଅକ୍ଷମ ହୋଇଯାଇଥିଲେ ବି ସେ ବିକଳାଂଗ ଭତ୍ତା ପାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଗଣନାଥ କୁଲି ମଜୁରି କାମ କରି ନିଜର ପରିବାର ଭରଣ ପୋଷଣ କରୁଥିଲା । ତେବେ ଗତ ୨୦୨୦ ଅକ୍ଟୋବର ମାସରେ ମିଲ୍‌ରେ କାମ କରୁଥିବା ସମୟରେ ଇଲେକ୍‌ଟ୍ରି କରେଂଟ ସଂସ୍ପର୍ଶରେ ଆସିଥିବା ବେଳେ କଂଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ତାକୁ ନିଆଯାଇଥିଲା । ସେଠାରୁ ଡାକ୍ତର ତାଙ୍କୁ ବଲାଙ୍ଗିର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ବଲାଙ୍ଗିର ଡାକ୍ତର ପୁଣି ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଭାଗ୍ୟବଶତଃ ଗଣନାଥ ମଲିକର ପ୍ରାଣ ବଂଚିଗଲା ସିନା, ହେଲେ ବାମ ହାତ କଟାଗଲା । ଡାହାଣ କାନ୍ଧ ଓ ଡାହାଣ ଗୋଡ ଆଣ୍ଠୁ ତଳକୁ ମଧ୍ୟ ଗଭୀର ଆଘାତ ଲାଗିଥିବା ଯୋଗୁଁ ସେ ଗୋଟିଏ ପ୍ରକାର ଅକ୍ଷମ ହୋଇଗଲା । ଏହି ଯୁବକ ଜଣକ ଏବେ କାମଧନ୍ଦା କରି ନପାରି ଦୟନୀୟ ଅବସ୍ଥାରେ କାଳାତିପାତ କରିଆସୁଛି । ଏଯାଏଁ ତାହାର ବିକଳାଙ୍ଗ ସାର୍ଟିଫିକେଟ ହୋଇ ନଥିବା ଯୋଗୁଁ ସେ ସରକାରଙ୍କ ତରଫରୁ ବିକଳାଙ୍ଗ ଭତ୍ତା ବି



ପାଉନାହିଁ । ଏଣୁ ଗଣନାଥକୁ ଶୀଘ୍ର ବିକଳାଂଗ ଭତ୍ତା ପ୍ରଦାନ କରାଯିବାକୁ ସାଧାରଣରେ ଦାବୀ ହେଉଛି । ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ସାଧାରର ଭାବେ ଅକ୍ଷମ ହେଉଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ନାନା ପ୍ରକାର ସାହାଯ୍ୟ ସହଯୋଗ ଦିଆଯାଉଛି । ଏଣୁ ଗଣନାଥକୁ ଶୀଘ୍ର ଭତ୍ତା ପ୍ରଦାନ କରାଯାଉ ।

# ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଖପ୍ରାଖୋଲ, (ନିପ୍ର) : ଖପ୍ରାଖୋଲ ବ୍ଲକ ମାଲପଡା ପଂଚାୟତ ଅନ୍ତର୍ଗତ ଜାମଚୁଆଁ ଗ୍ରାମର ରାଧେଶ୍ୟାମ ସାହୁ (ପିତା- କୈଳାସ ସାହୁ)ଙ୍କ ଘରେ ସର୍ଟସର୍କିଟରୁ ନିଆଁ ଲାଗି ଯାଇଥିଲା । ଏହି ସମୟରେ ରାଧେଶ୍ୟାମ ଘରେ ନଥିଲେ ସେ ନିଜ ଶ୍ୱଶୁର ଘର କନ୍ଦାଗାଡକୁ ଯାଇଥିଲେ ରାଧେଶ୍ୟାମଙ୍କ ଘରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ଏବଂ ଖପ୍ରାଖୋଲ୍ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଏବଂ ମୁକେଶ ସୁନା, ବଲ୍ଲଭ ସାହୁ, ସୋରୋଜ ପ୍ରଧାନ, ଆଦର୍ଶ ଖମାରୀ ତଥା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନିଆଁ ଲିଭା ଯାଇଥିଲା ।

# ଡ.ପରମେଶ୍ୱର ରଥଙ୍କ ବିୟୋଗରେ ନାଗରିକ କମିଟି ତରଫରୁ ଶୋକ ପ୍ରକାଶ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ନାଗରିକ କମିଟିର ସ୍ୱାସ୍ଥ୍ୟ ବିଭାଗ ସବ୍ କମିଟିର ଚେୟାରମେନ ଡ. ପରମେଶ୍ୱର ରଥଙ୍କର ଭୁବନେଶ୍ୱର ଠାରେ ଏକ ଘରୋଇ ହସପିଟାଲରେ କରୋନା ରୋଗରେ ପୀଡିତ ହୋଇ ଆଜି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଏଣୁ ନାଗରିକ କମିଟି ତରଫରୁ ସଭାପତି ବିକ୍ରମାନନ୍ଦ ବହିଦାର, ବିଷ୍ଣୁ ପ୍ରସାଦ କେଡିଆ, ନିତ୍ୟାନନ୍ଦ ମିଶ୍ର, ମନୋରଂଜନ ପୁରୋହିତ, ଗୋପଭୂଷଣ ନାଥ, ନରେଶ କୁମାର ଦାଶ, ବୃନ୍ଦାବନ ବରାଳ, ଗୋପବନ୍ଧୁ ପୁରୋହିତ, ପର୍ଶୁରାମ ନାୟକ, ଧର୍ମବ୍ରତ ରଥ, ଛବିଲାଲ ବେହେରା ଏବଂ ପୂର୍ବତନ ସଭାପତି ଶଙ୍କର ପ୍ରସାଦ ହୋତା ତଥା ନୀଳମଣି ମିଶ୍ର ଏବଂ ଡ. ଲକ୍ଷ୍ମୀକାନ୍ତ ମହାପାତ୍ର ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରର୍ଥନା କରିଥିଲେ । ତାଙ୍କ ଭଳି ଜଣେ ନିଷ୍ଠାପର, ପରୋପକାରୀ ତଥା ଶ୍ରଦ୍ଧାଳୁ ଡାକ୍ତରଙ୍କୁ ଏମାଟି ହରାଇ ଅନେକ କିଛି ହରାଇଛି ବୋଲି ଶୋକ ବ୍ୟକ୍ତରେ ସଭିଏଁ ପ୍ରକାଶ କରିଛନ୍ତି ।

# ଲକ୍‌ଡାଉନ୍ ବେଳେ କଂଟାବାଂଜି ରେଲବାଇ ପୋଲିସ ଫୋର୍ସର ବଡ ସଫଳତା : ପ୍ଲାଟଫର୍ମରୁ ୪୨ ବୋତଲ ବିଦେଶୀ ମଦ, ୩୫୦ ପାଉଚ୍ ଦେଶୀ ମହୁଲି ମଦ ଜବତ ସହ ୩ ଜଣ ଗିରଫ

କଂଟାବାଂଜି, (ନିପ୍ର) : ଶନିବାର ଦ୍ୱିପ୍ରହର ସମୟ ପ୍ରାୟ ଘଂଟା ୨.୫୦ ମିନିଟରେ କଂଟାବାଂଜି ରେଲବାଇ ପୋଲିସ ଫୋର୍ସ ପ୍ଲାଟଫର୍ମ ନଂ.୧ରୁ ୪୨ ବୋତଲ ବିଦେଶୀ ମଦ, ୩୫୦ ଦେଶୀ ପାଉଚ୍ ମହୁଲି ମଦ ସହ ୩ ଜଣକୁ ଗରିଫ କରି ଅଧିକ ଅନୁସଂଧାନ ଜାରି ରହିଛି । ମିଳିଥିବା ସୂଚନା ଅନୁସାରେ ଗତ ତା୦୮.୦୫.୨୦୨୧ ଦିନ ଦ୍ୱିପ୍ରହର ସମୟ ବିଶାଖାପାଟଣା- ନିଜାମୁଦ୍ଦିନ କୋଭିଡ ସ୍ପେସିଆଲ ଟ୍ରେନ ନଂ.୦୨୮୮୭ ପ୍ଲାଟ ଫର୍ମରେ ପହଂଚିଥିଲା । ଟ୍ରେନଟି ପ୍ଲାର୍ଟ ଫର୍ମରେ ପହଂଚିବା କ୍ଷଣି ୩ଜଣ ବ୍ୟକ୍ତି ଉକ୍ତ ମଦକୁ ଏକ ଟ୍ରଲି ବେଗରେ ଭର୍ତି କରି ନେଉଥିବା ବେଳେ ଅନଡ୍ୟୁଟି ଆରପିଏଫ ପୋଲିସ ସଂଦୀପ, ଜିଆରପି ଏଏସଆଇ ଶ୍ରୀ ଦଣ୍ଡସେନା ସଂଦେହ କରି ଯାଂଚ କରିବା ମଧ୍ୟରେ ଗିରଫ




କରିଥିଲେ । ଉକ୍ତ ସମସ୍ତ ମଦ କଂଟାବାଂଜିରୁ ରାୟପୁରକୁ ଚଢା ଦରରେ ବିକ୍ରି କରିବା ପାଇଁ ଚାଲାଣ କରୁଥିବା ବେଳେ ଜବତ ଜିନିଷର ମୂଲ୍ୟ ୪୨ ହଜାର ଟଙ୍କାର ବୋଲି ଆରପିଏଫ ପୋଲିସ ସୂତ୍ରରୁ ଜଣାପଡିଛି । କଂଟାବାଂଜି ଆରପିଏଫ ଥାନା କେସ ନଂ. ୯/୨୧, ୧୦/୨୧ ଓ ୧୧/୨୧ ତା୦୮/୫/୨୦୨୧ ରୁଜୁ କରି ଅଧିକ ଅନୁସଂଧାନ କରୁଥିବା ବିଷୟ ଆରପିଏଫ ଆଇଆଇସି ଦୀପକ କୁମାର ସୂଚନା ଦେଇଥିବା ବେଳେ କଂଟାବାଂଜି ଜିଆରପି ତରଫରୁ ମଧ୍ୟ ଅଧିକ ଦତନ୍ତ ଜାରି ରହିଛି । ପ୍ରକାଶ ଥାଉକି ଲକ୍ ଡାଉନ୍ ଓ ସଟ୍ ଡାଉନ୍ ସମୟରେ କଂଟାବାଂଜି ରେଲବାଇ ଅଂଚଳରେ ଅବାଧରେ ମଦ ବିକ୍ରି ହେଉଥିବାରୁ କଡାକଡି ଭାବେ ଧରପଗଡ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବୀ ହେଉଛି ।



# କାଳ ବୈଶାଖୀ

● ବିଜୟ ପ୍ରଧାନ

ସକାଳୁ ସବୁ ଠିକ ଥିଲା । ହଠାତ କେଜାଣି କୋଉଠୁ ମାଡ଼ିଆସିଲା କଳାହାଣ୍ଡିଆ ମେଘ । ଚଉଦିଗ ଅନ୍ଧାର । ସାଥିରେ ଝଡ଼ ପ୍ରମାଣେ ପବନ । ଗାଁଦାଣ୍ଡରେ ଚକା ଭଉଁରୀ ଖେଳି ଉଡି ବୁଲିଲେ ପରିତ୍ୟକ୍ତ କାଠି କୁଟା, ପ୍ଲାଷ୍ଟିକ ଜରି, ଗୁଡଖା ଖୋଳ ଇତ୍ୟାଦି ଇତଃସ୍ତତ । ବାଡ଼ିର ସଜନା ଗଛସହ କଦଳୀ ଗଛମାନେ ତାଳି ମାରି ହସୁଥିଲା ବେଳେ ଘର ସାମ୍ନା ହତାରେ ଆକାଶଛୁଆଁ ଇଉକାଲିପଟାସ ଗଛ ଚ଼ାରୋଟି ଏମିତି ଢଳି ଢଳି ନାଚୁଥିଲେ ଯେମିତି ବାହାଘରବେଳେ ବରାତି ଡିଜେରେ ନାଗିନ ନାଚ କରୁଛନ୍ତି ।

ହଠାତ ବାଡିର ଦୁଇଟି ଭଣ୍ଡା ଥିବା କଦଳୀ ଗଛଙ୍କ ଅଂଟା ଭାଙ୍ଗିଗଲା ନାଚୁ ନାଚୁ । ଭଣ୍ଡା ଭାର ସମ୍ଭାଳୁ ସମ୍ଭାଳୁ ନା ପବନରେ ବେତାଳିଆ ନାଚୁ ନାଚୁ କେଜାଣି ! ପବନରେ ତଥାପି ଶୁଣାଯାଉଥାଏ ଟିଣ ଆଜବେଷ୍ଟସର କର୍କଶ ତାଳିମାଡ଼ ।

ଚଉଦିଗର ଅନ୍ଧାର କ୍ରମେ ଟିକେ ଫର୍ଚ୍ଚା ଦିଶିଲା, ଟୁପଟାପ ବର୍ଷା ପଡିବାରୁ । ଆକାଶ ଫର୍ଚ୍ଚା ଦିଶୁ ଦିଶୁ ବର୍ଷା ଘନେଇଲା । ପ୍ରବଳରୁ ପ୍ରବଳତର । ମାଟି ଓ ଆକାଶ ଏକାକାର ।

ଇତି ମଧ୍ୟରେ ପବନ ଉଡ଼ ?ଇ ସାରିଥାଏ କାହାକାହା ଘରର ଛାତଉପରେ ଢଙ୍କା ଚିରା ତାରପୋଲିନ ଟୁକୁରା ମାନ, ଖପର ଓ ଚାଳ । ନଡ଼ିଆ ବାହୁଙ୍ଗା, ସଜନା ଡାଳ, ଠାଏ ଠାଏ ଗୋଟେ ଦୁଇଟି ଇଲେକ୍ଟ୍ରିକ ଖୁଂଟ ବି ହାର ମାନି ମୁଣ୍ଡ ନୁଏଇଁ ଦେଇଥାନ୍ତି । ବାଡି ପଛପଟ ମହୁଲ ଗଛଡାଳରୁ ଉଭାନ କିଛି ଚଢେଇ ବସା ।

ଭିଜିଭିଜି ନିଜର ଉଷ୍ମତା ମାପୁଥାନ୍ତି ଦୁଆରରେ ତିନିଦିନ ଆଗରୁ ଗଦାହୋଇ ଶୁଖିବା ଆଶାରେ ତାରପୋଲିନ ଢଙ୍କା ପଡ଼ୋଶୀଙ୍କ ଧାନ, ଛୋଟମୋଟ ପର୍ବତ ସମାନ । କ୍ଷେତରେ ଅକଟା ଧାନଗଛ ଶୋଇସାରିଥାନ୍ତି ମାଟିରେ । ବର୍ଷାର ତାଣ୍ଡବଲୀଳା ମାତ୍ର ଦୁଇ ଘଂଟାର, ଲଗାତାର ।

ଏଯାଏ ସଜାଡି ପାରି ନ ଥିବା ଖପର ଘର ମାନଙ୍କରେ ଆଣ୍ଠୁଏ ପାଣି, ଉଜାଣି । ଘରଣୀଏ ଝାଡୁ ମାରି ତାକୁ ଦାଣ୍ଡମୁହାଁ କରୁକରୁ ବତୁରିଗଲେଣି ଗୋଟାପଣେ । ବର୍ଷା ଟିକେ କମିଲା ପରେ ଛତା ଧରି କୁନି ପିଲାଏ ଗାଁ ଦାଣ୍ଡରେ ହାଜର । ଦାଣ୍ଡର ପାଣି ସୁଅରେ ହଲି ଦୋହଲି ଭାସୁଛନ୍ତି କାଗଜର ଡଙ୍ଗା ମାନ । ଅକାମୀ ଯେତେ ମାଆ ମାନଙ୍କର ଆକଟ,ବାରଣ ।

ଗାଁରେ ହୋ ହଲ୍ଲା । ଆର ସାହିର କାହାର କାନ୍ଥ ଧସିଗଲା । ମା ଝିଅ କାନ୍ଥ ତଳେ ଚ଼ାପି ହେଇଗଲେ । ଦମକଳବାଲା ଘଂଟି ବଜାଇ ପହଁଚିଲେ । କାନ୍ଥ ଆଡେଇ ବାହାର କଲେ । ଡାକ୍ତରଖାନା ପଠେଇଲେ । କ୍ଷତାକ୍ତ ମା ହରାଇଲା ନିଜ ଦୁଇ ଗୋଡ଼ ସହ ଯୁଆନ ଝିଅ । ଗୋଡ଼ କଟାହେବାକୁ ମାକୁ ନିଆଗଲା ସହରର ଡାକ୍ତରଖାନାକୁ । ପରୀକ୍ଷାରେ କୁଆଡେ କୋଭିଡ ପଜିଟିଭ ବାହାରିଲା ମାର । ଝିଅକୁ ବି ପଠାଗଲା ପୋଷ୍ଟମର୍ଟମ ପାଇଁ ସହରର ସ୍ୱତନ୍ତ୍ର ଡାକ୍ତରଖାନାକୁ । କାଳ ବୈଶାଖୀରେ ଲାଇନ ତାର ଛିଣ୍ଡିଥିଲା ବୋଲି ଗାଁରୁ ସହର ଲାଇନ କୋଉଠି ବି ନଥିଲା ବୋଲି କହିଲେ । ପୋଷ୍ଟମର୍ଟମ ହେଉ ହେଉ ତିନିଦିନ ଲାଗିଗଲା ଲାସ୍‌କୁ । ହେଲେ କୋଭିଡ ସଂକ୍ରମଣ ଭୟରେ ପୋଲିସକୁ ହସ୍ତାନ୍ତର କରା ନ ହୋଇ ଲାସକୁ ଡାକ୍ତରଖାନାରେ କୋଭିଡ ସଂକ୍ରମିତ ମୃତବ୍ୟକ୍ତିଙ୍କ ସହ ପୋଡ଼ି ଦିଆଗଲା ।

ମା’ର ଗୋଡ କଟା ହେଲା କି ନ ହେଲା ଆଉ ଜଣା ପଡ଼ିଲାନି କୋଭିଡ ହସ୍ପିଟାଲରେ । କିଛିଦିନ ପରେ ତାକୁ ବି ମୃତ ଘୋଷଣା କଲେ ସରକାର ଓ କୋଭିଡ ସମ୍ମାନ ସହ ନିଜେ ପୋଡ଼ିଲେ ।

ବିଜୁ ପକ୍କାଘର କାନ୍ଥ । ଗାଁ ଲୋକଙ୍କ ନାଲିସ । ଠିକାଦାର, ୱାର୍ଡ ମେମ୍ବର ସରପଂଚ ଠୁଁ ବିଡ଼ିଓ, ଇଞ୍ଜିନିୟର ଯାଏଁ ସଭିଏଁ ଥରହର । ବିଧାୟକଙ୍କ ପ୍ରତିଶ୍ରୁତି, କ୍ଷତିପୂରଣ ମିଳିବ ପକ୍କା ।

କାଳ ବୈଶାଖୀରେ ଉଜୁଡି ଯାଇଥିବା ସଂସାରରେ ଶୋକଜରଜର ଏକମାତ୍ର ଝିଅର ବାପ ବୁଝି ପାରୁ ନ ଥିଲା କାହାର କ୍ଷତିପୂରଣ ମିଳିବ !!

ମୋ.ନଂ. : ୯୯୩୮୩୫୭୬୮୪





# ଦେହ: ରୂପ ଓ ଅରୂପ

### ସୌଭାଗ୍ୟବନ୍ତ ମହାରଣା

ମୋ ରକ୍ତର ଉର୍ବରତା
ପରୀକ୍ଷା କରୁ କରୁ
ସମୟ ବି
ଅଣନିଃଶ୍ୱାସୀ ହୋଇଯାଏ
ନିଃଶ୍ୱାସର ଅର୍ଗଳି ଭିତରେ
ନିଜ ଅରୂପର ରୂପ ଖୋଜିବାକୁ ।
ଜହ୍ନରାତିରେ ମୋ ପରି
ଦେହସର୍ବସ୍ୱ
ହେବା ବି ଏକ ବିଲକ୍ଷଣ
ଅନ୍ଧାରର ସାନ୍ଦ୍ରତାରେ ଆକସ୍ମିକତାକୁ
ପାପୁଲି ସନ୍ଧିରେ
ଲୁଚେଇ ରଖିବା ପରି ।

ତେଲ ଲୁଣର ଚଳନ୍ତି ସଂସାରରେ
ଭୋକର ଭାଗବତ ପ୍ରତ୍ୟହ ପଢି ପଢି
ଅକ୍ଷରଙ୍କୁ ଚିହ୍ନିବା ସତ୍ତ୍ୱେ
ଶବ୍ଦମାନଙ୍କ ମୁହଁର ଭଙ୍ଗୀକୁ
ବୁଝି ପାରିନି
ଅର୍ଥ ସହ ବନ୍ଧୁତା ହେବାର
ଘନିଷ୍ଠତାରେ ।
ଭୋକର ଭାବ ସନ୍ଧିରେ

ଅନେକ ଦିନରୁ
କୁଣିଆ ପାଲଟି ଯାଇଛି ଅଭାବ
ଅସହାୟ ମୁହୂର୍ତ୍ତଙ୍କ ସହ
ହାତ ମିଳେଇ ।

ତଥାପି ପ୍ରେମବତୀର ମୃଦୁହସରେ
ଜହ୍ନ ବି ସରମୀ ଯାଏ
ତା’ ପାଖରେ
ଯେତେବେଳେ
ବିହ୍ୱଳ ଚନ୍ଦ୍ରାଲୋକରେ
ସେ ଘୋଡେଇ ଦିଏ
ମୋ ଦେହର ବିଦେହ
ପବନରେ ଉଡୁଥିବା
ତା’ ନୀଳ ଓଢଣାରେ
ଧକ୍ ଧକ୍ ହୃଦୟର ସ୍ପନ୍ଦନ ମାପିବାକୁ
ଭୋକର ଭୂଗୋଳ ଭିତରେ ।
କାକଟସ୍‌ର ଫୁଲ ବି ଅନ୍ତରଙ୍ଗ ଲାଗେ
ରକ୍ତ ଯେବେ ବିନ୍ଦୁରେ ବିନ୍ଦୁରେ
ଗଭୀର କ୍ଷତକୁ ସୁଆଁଳି ସୁଆଁଳି
ତା’ ଉର୍ବରତାର ମହତ୍ତ୍ୱ ଓ ମହକକୁ
ଶ୍ରଦ୍ଧାରେ ମୋତେ ଅର୍ପଣ କରୁଥାଏ ।





# ସ୍ୱୀକାରୋକ୍ତି

### ରନ୍ମୟ ତ୍ରିପାଠୀ

ଅନେକ ରାତିଯାଏ
ଅନ୍‌ଲାଇନ୍ ଥିବାଦେଖି
ଭାବିବୁନି ତୋର ଭାବନାରେ
ମୋତେ ନିଦ ହେଉନି ବୋଲି,
ମୋବାଇଲ ଡାଟା
ଅପ୍ ନକରି ଶୋଇବା
ମୋର ଅଭ୍ୟାସ ହେଲାଣି ।

ତୁ ଫୋନ କଲେ ନମ୍ବର
ବିଜି ଆସୁଛି ତ.. ?
ହଁ... ସବୁବେଳେ ବ୍ୟସ୍ତ ରହିବା
ଏବେ କର୍ତ୍ତବ୍ୟ ହେଲାଣି ।

ସବୁଦିନ ତୋର ଘର ସାମ୍ନାପଟେ
ଯିବା ଆସିବା ଦେଖି
ଭାବିବୁନି ବାଲ୍‌କୋନୀରେ ଦେଖାଦେବୁ,
ତୋତେ ଦେଖିବାକୁ ନୁହେଁରେ
ଆରପାଖ ରାସ୍ତା ବନ୍ଦ ବୋଲି
ତୋର ଘର ଗଳିରେ ଯିବା
ଜରୁରୀ ହେଲାଣି ।

ରବିବାର ସକାଳ ସବୁ
ଥିଲା ଦିନେ ତୋ ପାଇଁ
ଏବେ ସବୁଦିନ ସକାଳ
କେବଳ ମୋ ପାଇଁ,
ପ୍ରେମ, ବିରହକୁ ନେଇ
କବିତା ଲେଖିବା
ଏବେ ପୁରୁଣା ହେଲାଣି ।

ଶୁଣିଲି ଫେସ୍‌ବୁକ୍‌ରେ ମୋର
କବିତା ପଢୁଛୁ... ?
ସବୁ କବିତା ଭିତରେ ନିଜକୁ
କାହିଁକି ଖୋଜୁଛୁ... ?
ତୁ ବୋଧେ ଜାଣିନୁ,
ଗଭୀର ପ୍ରେମରେ କାହାକୁ ଭାବିବା
ମୋ ପାଇଁ ବାରଣ ହେଲାଣି ।।

# ମ୍ୟୁକୋମାଇୋସିସ ମୁକାବିଲା ପାଇଁ ଆମ୍ଫୋଟେରିସିନ-ବି ଉତ୍ପାଦନ ବଢାଇବା ନିମନ୍ତେ ସରକାରଙ୍କ ପଦକ୍ଷେପ



ନୂଆଦିଲ୍ଲୀ, (ପିଆଇବି) : କୋଭିଡ ପରବର୍ତ୍ତୀ ଜଟିଳତା ମ୍ୟୁକୋମାଇୋସିସ ପୀଡିତଙ୍କୁ ଡାକ୍ତରମାନେ ଆମ୍ଫୋଟେରିସିନ-ବି ଔଷଧ ଖାଇବାକୁ ପରାମର୍ଶ ଦେଉଥିବାରୁ କିଛି ରାଜ୍ୟରେ ଏହାର ଆବଶ୍ୟକତା ସୃଷ୍ଟି ହୋଇଛି । ତେଣୁ ଏହି ଔଷଧର ଉତ୍ପାଦନ ବଢାଇବା ପାଇଁ ଭାରତ ସରକାର ଉତ୍ପାଦକମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ଅଧିକ ଆମଦାନୀ ହେବା ସହ ଦେଶରେ ଏହି ଔଷଧର ଉତ୍ପାଦନ ବଢିଲେ ଯୋଗାଣ ସ୍ଥିତି ସୁଧୁରିବ ।

ଉତ୍ପାଦକ/ଆମଦାନୀକାରୀଙ୍କ ସହ ଷ୍ଟକ ସ୍ଥିତିର ସମୀକ୍ଷା କରି ମଇ ୧୧, ୨୦୨୧ରେ ସମ୍ଭାବ୍ୟ ଆବଶ୍ୟକତା ଆଧାରରେ ଆମ୍ଫୋଟେରିସିନ-ବି ଔଷଧ ବିଭାଗ ଦ୍ୱାରା ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡିକୁ ଆବଂଟିତ କରାଯାଉଛି । ଯାହା ମଇ ୧୦ରୁ ମଇ ୩୧, ୨୦୨୧ ମଧ୍ୟରେ ଉପଲବ୍ଧ ହେବ ।

ସରକାରୀ, ବେସରକାରୀ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ସେବା ସଂସ୍ଥାନଗୁଡିକ ମଧ୍ୟରେ ଏହି ଔଷଧର ସୁଷମ ବଂଟନ ବ୍ୟବସ୍ଥା କରିବାକୁ ରାଜ୍ୟଗୁଡିକୁ ଅନୁରୋଧ କରାଯାଇଛି । ଆବଂଟିତ ଔଷଧ ସଂଗ୍ରହ ପାଇଁ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡିକୁ ଯୋଗାଯୋଗ ବିନ୍ଦୁ ସମ୍ପର୍କରେ ଜଣାଇବାକୁ ରାଜ୍ୟଗୁଡିକୁ ଅନୁରୋଧ କରାଯାଇଛି । ସେହିପରି ଯୋଗାଇ ଦିଆଯାଇଥିବା ଓ ଆବଂଟିତ ହୋଇଥିବା ଷ୍ଟକର ସୁଚିନ୍ତିତ ବ୍ୟବହାର ପାଇଁ ରାଜ୍ୟଗୁଡିକୁ ଅନୁରୋଧ କରାଯାଇଛି । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ) ଯୋଗାଣ ବ୍ୟବସ୍ଥାର ନୀରିକ୍ଷଣ କରିବେ ।

ଦେଶ ମହାମାରୀର ତୀବ୍ର ଲହରର ସାମ୍ନା କରୁଛି ଓ ଦେଶର ବିଭିନ୍ନ ଅଂଚଳ ପ୍ରଭାବିତ ହୋଇଛି । ଅତ୍ୟାବଶ୍ୟକ କୋଭିଡ ଔଷଧର ଯୋଗାଣ ବଢାଇବା ତଥା ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅ*ଳଗୁଡିକୁ ସୁଷମ ଓ ପାରଦର୍ଶୀ ବଂଟନ ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

# ଓଡିଶା ସମେତ ଆଠଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ କୋଭିଡ-୧୯ ବିରୋଧରେ ଜନସ୍ୱାସ୍ଥ୍ୟ ମୁକାବିଲା ଏବଂ ଟୀକାକରଣ ଅଗ୍ରଗତି ସମୀକ୍ଷା କଲେ ଡ. ହର୍ଷ ବର୍ଦ୍ଧନ

- କୋଭିଡ-୧୯ ବିରୋଧୀ ମୁକାବିଲା କ୍ଷେତ୍ରରେ ଟିକା ଏକ ବଡ ଅସ୍ତ୍ର
- ସମସ୍ତ ପ୍ରକାର ପ୍ରୟାସ କରାଯାଇ ଟିକା ଯୋଗାଣ ବୃଦ୍ଧି କରାଯାଉଛି
- ଟିକା କ୍ରୟ ଏବଂ ପ୍ରଦାନ କ୍ଷେତ୍ରରେ ରହିଥିବା ଜଟିଳ ବାଧାଗୁଡିକୁ ଦୂର ନିମନ୍ତେ ଆଲୋଚନା

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଓଡିଶା ସମେତ ଆଠଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ/ଅତିରିକ୍ତ ମୁଖ୍ୟ ସଚିବମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଉପସ୍ଥିତ ଥିଲେ । ଏହି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡିକରେ ଦୈନିକ ସଂକ୍ରମଣ, ଅଧିକ ମୃତ୍ୟୁହାର ରହିଥିବା ବେଳେ ପଜିଟିଭିଟି ହାର ମଧ୍ୟ ବୃଦ୍ଧି ପାଇବା ସହିତ ଅଧିକ ରହୁଛି ।

ଏସବୁ ରାଜ୍ୟ ରାଜ୍ୟଗୁଡିକ ହେଲେ ଓଡିଶା, ଉତ୍ତରାଖଣ୍ଡ, ହରିୟାଣା, ପଞ୍ଜାବ, ବିହାର, ଝାଡଖଣ୍ଡ, ଓଡିଶା ଓ ତେଲଙ୍ଗାନା ସହିତ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶ । ବୈଠକରେ ଓଡିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ, ହରିୟାଣା ସ୍ୱାସ୍ଥ୍ୟ ମନ୍ତ୍ରୀ ଅନିଲ ଭିଜ, ପଞ୍ଜାବ ସ୍ୱାସ୍ଥ୍ୟ ମନ୍ତ୍ରୀ ବଲବିର ସିଂ ସିଦ୍ଧୁ, ଝାଡଖଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରୀ ବନ୍ନା ଗୁପ୍ତା, ବିହାର ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଲ ପାଣ୍ଡେ ଭର୍ଚୁଆଲ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏହିସବୁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ କୋଭିଡ ସଂକ୍ରମଣ ବୃଦ୍ଧି ପାଇବା ସମ୍ପର୍କରେ ଆଲୋକପାତ କରିବା ସହିତ ଚିକିତ୍ସା ଭିତ୍ତିଭୂମି ଉପରେ ପଡୁଥିବା ଚାପ ଉପରେ ଧ୍ୟାନ ଆକର୍ଷଣ କରିଥିଲେ । ତେବେ ମହାମାରୀ ମୁକାବିଲା ସହିତ ଜନସାଧାରଣଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବାରୁ ସେ ରାଜ୍ୟ ପ୍ରଶାସନର ସମର୍ପଣ ଓ ଧୈର୍ଯ୍ୟର ପ୍ରଶଂସା କରିଥିଲେ । ସେ କହିଥିଲେ ଯଦିଓ ଗତ ୨୪ ଘଂଟା ମଧ୍ୟରେ ୩.୪୮ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ତଥାପି ମୋଟ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟାରୁ ୧୧,୧୨୨ ସଂଖ୍ୟକ ସଂକ୍ରମିତ ହ୍ରାସ ପାଇଛନ୍ତି । ଲଗାତାର ଦ୍ୱିତୀୟ ଦିନ ପାଇଁ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଛି । ସେ କୋଭିଡ ଉପଯୁକ୍ତ ବ୍ୟବହାର ଏବଂ ବର୍ତ୍ତମାନର ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କଠୋରତାର ସହିତ କନ୍‌ଟେନ୍‌ମେଂଟ୍ ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଟୀକାକରଣ ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ, କୋଭିଡ-୧୯ ବିରୋଧରେ ଟିକାକରଣ ହେଉଛି ଆମର ସବୁଠୁ ବଡ ଅସ୍ତ୍ର । ୧୧୪ ଦିନ ମଧ୍ୟରେ ୧୭ କୋଟି ଟିକା ପ୍ରଦାନ କରି ଭାରତର ବିଶ୍ୱର ଦ୍ରୁତତମ ରାଷ୍ଟ୍ର ହୋଇପାରିଛି ବୋଲି ସେ ଉଲ୍ଲେଖ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ ୧୩.୭୬ କୋଟି ଲୋକ ପ୍ରଥମ ଡୋଜ, ୩.୮୬ କୋଟି ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇସାରିଛି । ତେବେ ଆମେ ଦ୍ୱିତୀୟ ଡୋଜ ଟୀକାକରଣ ଉପରେ ଜୋର ଦେବା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟଗୁଡିକ ଦ୍ୱିତୀୟ ଡୋଜ ଟିକା ଦେବା ଲାଗି ୭୦% ଟିକା ଉପଯୋଗ କରିବା ସହିତ ୩୦% ପ୍ରଥମ ଡୋଜ ପାଇଁ ସଂରକ୍ଷିତ କରିବା ଉପରେ ସେ ଜୋର ଦେଇଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଟୀକା ଉତ୍ପାଦନକାରୀଙ୍କ ଦ୍ୱାରା ରାଜ୍ୟ ସରକାର ଓ ଘରୋଇ ଡାକ୍ତରଖାନା ପାଇଁ ପ୍ରତି ମାସରେ ୫୦% ଟିକା ଡୋଜ ଉପଲବ୍ଧ କରାଯାଉଛି । ଭାରତ ସରକାର ନିଜର ଅଂଶ ଭାବେ ୫୦% ଟିକା କ୍ରୟ ଜାରି ରଖିଛନ୍ତି । ଏହି ଟିକା ପୂର୍ବ ପରି ରାଜ୍ୟଗୁଡିକୁ ନିଃଶୁଳ୍କ ଉପଲବ୍ଧ କରାଯିବ । ଦେଶରେ ଟିକା ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ଡ. ହର୍ଷ ବର୍ଦ୍ଧନ ସୂଚନା ଦେଇଥିଲେ । ବିଦେଶରେ ବିକଶିତ ଓ ଉତ୍ପାଦିତ ହେଉଥିବା ଟିକା ଯେଉଁଗୁଡିକ ୟୁଏସଏଫଡିଏ, ଇଏମଏ, ୟୁକେ ଏମଏଚ୍ଆରଏ, ପିଏମଡିଏ ଜାପାନ ଦ୍ୱାରା ସୀମିତ ଉପଯୋଗ ନିମନ୍ତେ ଜରୁରିକାଳୀନ ମଞ୍ଜୁରି ମିଳିଛି କିମ୍ବା ଡବ୍ଲୁଏଚଓ ଦ୍ୱାରା ଜରୁରିକାଳୀନ ଉପଯୋଗ ତାଲିକାରେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ଇନଷ୍ଟିଚ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାନ୍ସ ଅଫ ଇଣ୍ଡିଆ ଏବଂ କତର ଫାଇନାନ୍ସିଆଲ୍ ସେଂଟର ଅଥରିଟି ମଧ୍ୟରେ ବୁଝାମଣାପତ୍ରକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଇନଷ୍ଟିଚ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାନ୍ସ ଅଫ ଇଣ୍ଡିଆ (ଆଇସିଏଆଇ) ଏବଂ କତର ଫାଇନାନ୍ସିଆଲ ସେଂଟର ଅଥରିଟି (କ୍ୟୁଏଫସିଏ) ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର (ଏମଓୟୁ)କୁ ଅନୁମୋଦନ ମିଳିଛି ।

ଏହି ଏମଓୟୁ କତରରେ ଆକାଉଣ୍ଟିଂ ପେସା ଏବଂ ଉଦ୍ୟମିତା ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଦୁଇ ଇନଷ୍ଟିଚ୍ୟୁଟ୍ ମଧ୍ୟରେ ସହଯୋଗ ବୃଦ୍ଧି କରିବ ।

ମଧ୍ୟପ୍ରାଚ୍ୟରେ ୬୦୦୦ ସଦସ୍ୟଙ୍କୁ ନେଇ ଆଇସିଏଆଇର ଏକ ଦୃଢ଼ ସଦସ୍ୟତା ଆଧାର ରହିଛି ଏବଂ କତର (ଦୋହା) ଚାପ୍ଟର ହେଉଛି ଆଇସିଏଆଇର ସବୁଠୁ ସକ୍ରିୟ ଚାପ୍ଟର । ଆଇସିଏଆଇର ସଦସ୍ୟମାନେ କତରରେ ବିଭିନ୍ନ ଘରୋଇ ଏବଂ ସରକାରୀ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇ ଆକାଉଣ୍ଟିଂ ପେସାରେ ସହାୟତା ଓ ଏହାର ବିକାଶ ପାଇଁ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି । ଏହି ଏମଓୟୁ ସ୍ୱାକ୍ଷର ଫଳରେ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ କ୍ଷେତ୍ରରେ ଆଇସିଏଆଇ ସଦସ୍ୟମାନଙ୍କର ସ୍ଥିତି ଆହୁରି ସୁଦୃଢ଼ ହେବ ଯାହାଦ୍ୱାରା ସେମାନେ ଉନ୍ନତ ମାନ୍ୟତା ପାଇବେ, କତରରେ ବ୍ୟବସାୟ କରିବାକୁ ଚାହୁଁଥିବା ଭାରତୀୟ ବ୍ୟବସାୟିକ ସଂସ୍ଥାକୁ ସହାୟତା ଲାଗି ମିଳିତ ଭାବେ କାର୍ଯ୍ୟ କରିପାରିବେ ଏବଂ ଉଭୟ ଭାରତ ଓ କତର ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିରେ ଯୋଗଦାନ ଦେଇପାରିବେ ।

କତରର ଦୋହାଠାରେ ଆଇସିଏଆଇର ଏକ ସକ୍ରିୟ ଚାପ୍ଟର ରହିଛି ଯାହାକି ୧୯୮୧ ମସିହାରେ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହା ବିଦେଶରେ ସ୍ଥାପିତ ଆଇସିଏଆଇର ୩୬ଟି ଚାପ୍ଟର ମଧ୍ୟରୁ ସବୁଠୁ ପୁରୁଣା । ପ୍ରତିଷ୍ଠା ପରଠାରୁ ଏହି ଚାପ୍ଟରର ସଦସ୍ୟତା ନିରନ୍ତର ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏଥିରେ ୩୦୦ରୁ ଅଧିକ ସଦସ୍ୟ ରହିଛନ୍ତି ଯେଉଁମାନେ ବିଭିନ୍ନ ଘରୋଇ ଏବଂ ସରକାରୀ କମ୍ପାନୀର ଗୁରୁତ୍ୱ ପଦପଦବୀରେ ଅବସ୍ଥାପିତ ହୋଇ କତରରେ ଆକାଉଣ୍ଟିଂ ପେସାର ସହାୟତା ଓ ବିକାଶ ପାଇଁ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି । ଏହି ଏମଓୟୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଇନଷ୍ଟିଚ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାନ୍ସ ଅଫ ଇଣ୍ଡିଆ ଏବଂ କତର ଫାଇନାନ୍ସିଆଲ ସେଂଟର ଅଥରିଟିକୁ ଲାଭାନ୍ୱିତ କରିବ ।

କାର୍ଯ୍ୟକାରିତା ରଣନୀତି ଓ ଲକ୍ଷ୍ୟ:

- ଏହି ଏମଓୟୁର ଲକ୍ଷ୍ୟ ହେଉଛି ଆସ୍ୟୋରାନ୍ସ ଓ ଅଡିଟିଂ, ପରାମର୍ଶ, ଟିକସ ବ୍ୟବସ୍ଥା, ଆର୍ଥିକ ସେବା ଏବଂ ତତସମ୍ବନ୍ଧୀୟ କ୍ଷେତ୍ରରେ କତରରେ ବ୍ୟବସାୟିକ ସେବା ଉପଲବ୍ଧ କରାଇବାର ଉଦ୍ଦେଶ୍ୟରେ ପ୍ରକ୍ରିୟା ନିର୍ଦ୍ଧାରଣ କରି ଆଇସିଏଆଇର ସଦସ୍ୟମାନଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ।
- ଆଇସିଏଆଇ, କ୍ୟୁଏଫସିଏ ସହିତ ମିଶି କତରରେ ଏକ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ପେସାଦାର, ଉଦ୍ୟମୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଏବଂ ପ୍ରସ୍ତୁତିରେ ସହାୟତା କରିବ ।
- ଆଇସିଏଆଇ ଏବଂ କ୍ୟୁଏଫସିଏ ଆପୋସ ସହମତି ଆଧାରରେ ରାଉଣ୍ଡ ଟେବୁଲ, ନେଟୱର୍କିଙ୍ଗ କାର୍ଯ୍ୟକ୍ରମ ଆଦିର ଆୟୋଜନ ମାଧ୍ୟମରେ କତରରେ ଭାରତୀୟ ବ୍ୟବସାୟୀଙ୍କ ପାଇଁ ଅବସର ସନ୍ଧାନ ପାଇଁ ମିଳିତ ଭାବେ କାମ କରିବ ।
- ଆଇସିଏଆଇ ଏବଂ କ୍ୟୁଏଫସିଏ ପରସ୍ପରକୁ କମ୍ପାନୀ ପ୍ରଶାସନ, ବୈଷୟିକ ଗବେଷଣା ଓ ପରାମର୍ଶ, ଗୁଣବତ୍ତା ଆଶ୍ୱାସନ, ଫୋରେନସିକ ଆକାଉଣ୍ଟିଂ, ଲଘୁ ଏବଂ ମଧ୍ୟମ ଆକାରର ପ୍ରକ୍ରିୟା (ଏସଏମପି) ପ୍ରସଙ୍ଗ, ଇସଲାମୀୟ ଅର୍ଥ କାରବାର, ନିରନ୍ତର ପେସାଗତ ବିକାଶ (ସିପିଡି) ଏବଂ ଆପୋସ ହିତ ଆଧାରିତ ଅନ୍ୟ ବିଷୟରେ ସୃଷ୍ଟି ହେଉଥିବା ସୁଯୋଗ କ୍ଷେତ୍ରରେ ସହଯୋଗ କରିବେ ।

## ବର୍ତ୍ତମାନ ମହାମାରୀ ସ୍ଥିତିରେ ଉଡ଼ା ଖବର ଉପରେ ବିଶ୍ୱାସ କରିବା ଘାତକ ହୋଇପାରେ

ନୂଆଦିଲ୍ଲୀ : ବର୍ତ୍ତମାନ କରୋନା ମହାମାରୀ ସ୍ଥିତିରେ ଉଡ଼ା ଖବର ଉପରେ ବିଶ୍ୱାସ କରିବା ଘାତକ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । କରେନାର ଭୟରେ ସମସ୍ତେ ଭୀତତ୍ରସ୍ତ ରହିଥିବା ବେଳେ ନାନା ପ୍ରକାର ଅପରୀକ୍ଷିତ ତଥା ଅଂଧବିଶ୍ୱାସପୂର୍ଣ୍ଣ ଗୁଜବ୍ ମଧ୍ୟ ପ୍ରଚାର ହେବାରେ ଲାଗିଛି । ଯାହାକୁ ବିଶ୍ୱାସ କରି ଆପଣେଇଲେ ହୁଏତ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ମତ ପ୍ରକାଶ ପାଇଛି । ଅବିଶ୍ୱାସନୀୟ ବିଷୟ ପ୍ରତି କେହି ମଧ୍ୟ ନଜର ନ ଦିଅନ୍ତୁ ଏବଂ ସରକାରଙ୍କ ଦ୍ୱାରା ତଥା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଉଥିବା ସୂଚନାକୁ ଆଧାର କରି ଚଳିବାକୁ କୁହାଯାଇଛି ।

# ଡିଆରଡିଓ ଦ୍ୱାରା ବିକଶିତ SpO2 ଆଧାରିତ ଅମ୍ଳଜାନ ଯୋଗାଣ ପ୍ରଣାଳୀର ୧.୫ ଲକ୍ଷ ୟୁନିଟ୍ କ୍ରୟକୁ ପିଏମ କେୟାର୍ସର ଅନୁମୋଦନ




ନୂଆଦିଲ୍ଲୀ, (ପିଆଇବି) : ପିଏମ କେୟାର୍ସ ପାଣ୍ଠିରୁ ୩୨୨.୫ କୋଟି ଟଙ୍କା ବିନିମୟରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ 'ଅକ୍ସିକେୟାର' ପ୍ରଣାଳୀର ୧.୫ ଲକ୍ଷ ୟୁନିଟ୍ କ୍ରୟ ପ୍ରସ୍ତାବକୁ ଆବଶ୍ୟକ ଅନୁମୋଦନ ମିଳିଛି । ଅକ୍ସିକେୟାର ହେଉଛି ଏକ SpO2 ଆଧାରିତ ଅମ୍ଳଜାନ ଯୋଗାଣ ପ୍ରଣାଳୀ । ଏହାଅନୁଭବ ଆଧାରିତ SpO2 ସ୍ତର ଉପରେ ଆଧାର କରି ରୋଗୀଙ୍କୁ ଯୋଗାଣ କରାଯାଉଥିବା ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ । ଏହି ଅନୁମୋଦନରେ, ଏକ ଲକ୍ଷ ସାଧାରଣ ଏବଂ ୫୦ ହଜାର ସ୍ୱୟଂଚାଳିତ ଅକ୍ସିକେୟାର ପ୍ରଣାଳୀ ସହିତ ନନ-ରିବ୍ରେଦର ମାସ୍କ କ୍ରୟ କରାଯାଉଛି ।

ଅକ୍ସିକେୟାର ପ୍ରଣାଳୀ SpO2 ସ୍ତର ଉପରେ ଆଧାର କରି ସହାୟକ ଅମ୍ଳଜାନ ଯୋଗାଣ କରିଥାଏ ଏବଂ ବ୍ୟକ୍ତିଙ୍କୁ ହାଇପୋକ୍ସିଆ ବା ଅମ୍ଳଜାନ ସ୍ତର ହ୍ରାସଭଳି ସାଂଘାତିକ ଅବସ୍ଥାରୁ ରକ୍ଷା କରିଥାଏ । ଅତ୍ୟଧିକ ଉଚ୍ଚତା ଅଂଚଳରେ ନିୟୋଜିତ ସୈନିକମାନଙ୍କ ପାଇଁ ଡିଆରଡିଓର ବେଙ୍ଗାଲୁରୁସ୍ଥିତ ପ୍ରତିରକ୍ଷା ବାୟୋ-ଇଞ୍ଜିନିୟରିଂ ଆଣ୍ଡ ଇଲେକ୍ଟ୍ରୋ ମେଡିକାଲ ପରୀକ୍ଷାଗାର (ଡିଇବିଇଏଲ) ଦ୍ୱାରା ଏହି ପ୍ରଣାଳୀ ବିକଶିତ କରାଯାଇଥିଲା । କ୍ଷେତ୍ରୀୟ ପରିସ୍ଥିତିରେ କାର୍ଯ୍ୟ କରିବା ପାଇଁ ପ୍ରଣାଳୀକୁ ସ୍ୱଦେଶୀ ଭାବରେ ବିକଶିତ କରାଯାଇଛି ଏବଂବେଶ ସୁଦୃଢ଼ । କୋଭିଡ-୧୯ ରୋଗୀଙ୍କ ଚିକିତ୍ସା ପାଇଁ ଏହା ପ୍ରଭାବୀ ଢଙ୍ଗରେ ବ୍ୟବହୃତ ହୋଇପାରିବ ।

ଦୁଇ ପ୍ରକାରରେ ଏହି ସିଷ୍ଟମକୁ ବିକଶିତ କରାଯାଇଛି । ମୂଳ ସଂସ୍କରଣରେ ୧୦-ଲିଟର ଅମ୍ଳଜାନ ସିଲିଣ୍ଡର, ଏକ ପ୍ରେସର ରେଗୁଲେଟର ସହିତ ଫ୍ଲୋ କଣ୍ଟ୍ରୋଲର, ଏକ ହ୍ୟୁମିଡିଫାୟର ଏବଂ ନାଜାଲ କାନୁଲା ରହିଛି । SpO2ର ସ୍ତରକୁ ଅନୁଧ୍ୟାନ କରିଅମ୍ଳଜାନ ପ୍ରବାହ ସାଧାରଣ ଭାବେନିୟନ୍ତ୍ରିତ ହୋଇଥାଏ । ଦ୍ୱିତୀୟ ସଂସ୍କରଣରେ, ଅମ୍ଳଜାନ ସିଲିଣ୍ଡର ଇଲେକ୍‌ଟ୍ରୋନିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ପ୍ରସ୍ତୁତ ହୋଇଛି ଯାହା ଲୋ ପ୍ରେସର କଣ୍ଟ୍ରୋଲର ଏବଂ ଏକ SpO2 ପ୍ରୋବ୍ ଜରିଆରେ ସ୍ୱୟଂଚାଳିତ ଭାବେ ଅମ୍ଳଜାନ ପ୍ରବାହକୁ ନିୟନ୍ତ୍ରଣ କରିଥାଏ ।

SpO2 ଆଧାରିତ ଅମ୍ଳଜାନ ଯୋଗାଣ ପ୍ରଣାଳୀ ରୋଗୀର SpO2 ସ୍ତରକୁ ଅନୁଧ୍ୟାନ କରି ଅମ୍ଳଜାନର ଉପଯୋଗକୁ ଅନୁକୂଳ କରିଥାଏ ଏବଂ ପୋର୍ଟେବଲ୍ ଅମ୍ଳଜାନ ସିଲିଣ୍ଡରର ସହନଶକ୍ତିକୁ ପ୍ରଭାବୀ ଢଙ୍ଗରେ ବଢ଼ାଇଥାଏ । ସିଷ୍ଟମରୁ ଅମ୍ଳଜାନ ଯୋଗାଣ ପାଇଁ SpO2 ପରିମାଣର ସୀମା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରିବ । SpO2 ସ୍ତରକୁ ନିରନ୍ତର ଭାବେ ନଜର ରଖିବା ପାଇଁ ଏକ ଡିସ୍‌ପ୍ଲେ ପ୍ରଦାନ କରାଯାଇଛି । ବାରମ୍ବାର ଅକ୍ସିଜେନ ସ୍ତର ଯାଂଚ କରିବା ଏବଂ ଅମ୍ଳଜାନ ପ୍ରବାହକୁ ନିୟନ୍ତ୍ରଣ କରିବାର ଆବଶ୍ୟକତାକୁ ହ୍ରାସ କରିବା ଫଳରେ ଏହା ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ କାର୍ଯ୍ୟ ଭାର ଏବଂ ରୋଗୀଙ୍କ ନିକଟକୁ ଯିବାର ବିପଦକୁ କମାଇବ ।

ସ୍ୱୟଂଚାଳିତ ପ୍ରଣାଳୀ ମଧ୍ୟ କମ୍ SpO2 ସ୍ତର ଏବଂ ପ୍ରୋବ ବିଚ୍ଛିନ୍ନତା ସହିତ ବିଭିନ୍ନ ବିଫଳତା ପରିସ୍ଥିତି ପାଇଁ ଉପଯୁକ୍ତ ଶବ୍ଦ ମାଧ୍ୟମରେ ଚେତାବନୀ ପ୍ରଦାନ କରିଥାଏ । ଅମ୍ଳଜାନର ଦକ୍ଷ ଉପଯୋଗ ପାଇଁ ଅକ୍ସିକେୟାର ପ୍ରଣାଳୀ ସହିତ ନନ୍-ରିବ୍ରେଦର ମାସ୍କଗୁଡ଼ିକ ସଂଯୁକ୍ତ ହୋଇଛି, ଫଳସ୍ୱରୂପ ଏହା ୩୦-୪୦% ଅମ୍ଳଜାନ ସଂଚୟରେ ସହଯୋଗ କରିଥାଏ । ପ୍ରତ୍ୟେକ ରୋଗୀଙ୍କ ପାଇଁ ନନ୍-ରିବ୍ରେଦର ମାସ୍କଗୁଡ଼ିକୁ ପରିବର୍ତ୍ତନ କରାଯିବା ଆବଶ୍ୟକ । ଏହି ଅକ୍ସିକେୟାର ପ୍ରଣାଳୀଗୁଡିକ ଘରେ, ସଙ୍ଗରୋଧ କେନ୍ଦ୍ରରେ, କୋଭିଡସେବା କେନ୍ଦ୍ରରେ ଏବଂ ହସ୍ପିଟାଲରେ ବ୍ୟବହାର କରାଯାଇପାରିବ ।

ଡିଆରଡିଓ ଏହି ଟେକ୍ନୋଲୋଜିକୁ ଭାରତର ଏକାଧିକ ଶିଳ୍ପକୁ ପ୍ରଦାନ କରିଛି ଯାହାଦ୍ୱାରା ଅଧିକ ପରିମାଣରେ ଏହି ଅକ୍ସିକେୟାର ପ୍ରଣାଳୀ ଉତ୍ପାଦନ କରାଯାଇ ପାରିବ ।

# ଏଣିକି ଚିକିତ୍ସା କ୍ଷେତ୍ରରେ କୌଣସି ଅବହେଳା ହେବ ନାହିଁ : ଗଞ୍ଜାମ ଜିଲ୍ଲାପାଳ

**- ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ସେବନ ଜୀବନ ପ୍ରତି ବିପଦ**
**- ଶୁଭକାର୍ଯ୍ୟ ବିବାହ ଓ ବ୍ରତ ଆଦି ସକାଶେ ଅନୁମତି ଗ୍ରହଣ ଜରୁରୀ**



ବ୍ରହ୍ମପୁର, (ନିପ୍ର) : କୋଭିଡ୍ ପରିଚାଳନା ବୈଠକରେ ଆଜି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତ୍ତି ନେଇଛନ୍ତି । ଯାହାକି, ଜିଲ୍ଲାରେ କାର୍ଯ୍ୟକାରୀ କରିବା ନେଇ ପ୍ରଶାସନ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ସୂଚାଇଛନ୍ତି । ଏଣିକି ଚିକିତ୍ସା କ୍ଷେତ୍ରରେ କୌଣସି ଅବହେଳା ହେବ ନାହିଁ ବୋଲି ଗଞ୍ଜାମ ଜିଲ୍ଲାପାଳ ଜନସାଧାରଣଙ୍କୁ ବାର୍ତ୍ତା ଦେଇଛନ୍ତି । ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ସେବନ କରିବା ଜୀବନ ପ୍ରତି ବିପଦ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି । ଶୁଭକାର୍ଯ୍ୟ ବିବାହ ଓ ବ୍ରତ ଆଦି ସକାଶେ ଅନୁମତି ଗ୍ରହଣ କରିବା ଜରୁରୀ । କରୋନା ସଂକ୍ରମଣରୁ ଲୋକଙ୍କୁ ବଂଚାଇବା ଦିଗରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଡାକ୍ତରୀ ଦଳ ଅହରହ ପ୍ରୟାସ ଜାରି ରଖିଛନ୍ତି । ତଥାପି କେତେକ ଅମାନିଆ ବ୍ୟକ୍ତି କରୋନାର ଭୟାବହତା ପ୍ରତି ଖାତିର ନକରି ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୀତି ନିୟମର ଅନୁପାଳନ କରୁନାହାନ୍ତି । ବିନା ମାସ୍କରେ ବାହାରେ ବୁଲୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ବ୍ୟବସାୟୀ ପ୍ରତିଷ୍ଠାନର ମାଲିକ ମାନେ ପଂଚସୂତ୍ରୀ ନିୟମ ପାଳନ କରୁନାହାନ୍ତି, ସେମାନଙ୍କ ଦୋକାନ ୧୯ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯିବ । ଯେଉଁମାନେ ବାହାଘର ସକାଶେ ଅନୁମତି ଗ୍ରହଣ କରୁଛନ୍ତି, ଏଣିକି ବାହାଘରରେ ଯୋଗ ଦେବାକୁ ଥିବା ବ୍ୟକ୍ତିଙ୍କ ତାଲିକା ପ୍ରଦାନ କରିବେ ଏବଂ ବାହାଘର କେଉଁ ଭଳି କରିବେ ସେ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିବେ । ବାହାଘର ପରିବାର ବର୍ଗଙ୍କର ଆଂଟିଜେନ୍ ଟେଷ୍ଟ ରିପୋର୍ଟ ଜରୁରୀ । ସଂକ୍ରମିତ ହୋଇଥିବା ଜଣା ପଡିଲେ ସେହି ବାହାଘରକୁ ଅନୁମତି ଦିଆଯିବ ନାହିଁ ବୋଲି ଅନୁଷ୍ଠିତ କୋଭିଡ୍ ପରିଚାଳନା ବୈଠକରେ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଅବଗତ କରାଇଥିଲେ । ଭିଡିଓ କନଫରେନ୍ସିଂ ବୈଠକରେ ଜିଲ୍ଲାପାଳ ଜଣାଇଥିଲେ ଯେ, ନିକଟରେ ସବୁ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ କରାଯାଇଛି । କୋଭିଡ୍ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀ, ଚିକିତ୍ସକ କିମ୍ବା କର୍ମଚାରୀ କୌଣସି ଫୋନ୍ କଲ୍‌କୁ ଅବହେଳା କରନ୍ତୁ ନାହିଁ । ଫୋନ-କଲ୍‌ଟି ଗୁରୁତ୍ୱପୂର୍ଣ୍ଣ । ଏଣୁ ସମସ୍ତ ଫୋନ-କଲ୍ ର ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେମିତି ବି ହେଉ ଲୋକଙ୍କ ଜୀବନ ବଂଚାଇବାର ଅଛି । ଏହି ଲକ୍ଷ୍ୟ ନେଇ ସମସ୍ତେ କାର୍ଯ୍ୟ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ ପରିବାର ବର୍ଗ ଜାଣିବା ଆବଶ୍ୟକ । ତେବେ ଯାଇ ପରିବାର ବର୍ଗ ଓ ଚିକିତ୍ସିତ ବ୍ୟକ୍ତିଙ୍କ ମନୋବଳ ସୁଦୃଢ ରହିବ । ଘରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ସହ ସୁସମ୍ପର୍କ ରଖି ତାଙ୍କ ସହ ଜୁମ୍ ଭିଡିଓ କଲ୍ କିମ୍ବା ଫୋନ୍ କଲ୍ କରି ତାଙ୍କ ବିଷୟରେ ପଚାରି ବୁଝନ୍ତୁ । ତେବେ ଯାଇ ତାଙ୍କ ମନୋବଳ ବଢିବ ଓ ସେ ସୁସ୍ଥ ହୋଇ ପାରିବେ । ଅତି ଜରୁରୀ ହେଲେ ତାଙ୍କୁ ସ୍ଥାନାନ୍ତର କରି ଉଚ୍ଚ ଚିକିତ୍ସା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ । ବ୍ରହ୍ମପୁର ସହର ଓ ଛତ୍ରପୁର ସହରରେ ଆଉ ଅତିରିକ୍ତ ଶହେ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯିବା ନିମନ୍ତେ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆର୍.ଆର୍.ଟି. କାର୍ଯ୍ୟ, ଆମ୍ବୁଲାନ୍ସ, ଟେଷ୍ଟ, ଅକ୍ସିଜେନ୍ ପରିଚାଳନା କିପରି ଚାଲିବ ଏବଂ କିପରି ତ୍ୱରାନ୍ୱିତ ହେବ ସେ ବିଷୟରେ ସୁବିସ୍ତୃତ ଆଲୋଚନା ହୋଇଥିଲା । କରୋନା ଚିକିତ୍ସା ଦିଗରେ ବ୍ୟବହୃତ ହେଉଥିବା ସାମଗ୍ରୀ କଳାବଜାରୀ ଏବଂ ଅଧିକା ଦରରେ ବିକ୍ରି ହେଉଥିବା ପ୍ରଶାସନର ନଜରକୁ ଆସିଛି । ଏ ଦିଗରେ ଚଢାଉ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତରଙ୍କ ପରାମର୍ଶ ବିନା କେହି ଔଷଧ ସେବନ କରନ୍ତୁ ନାହିଁ । ଏହା ଜୀବନ ପ୍ରତି ବିପଦ । ଚିକିତ୍ସିତ ହେଉଥିବା ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କୀୟ ଗଣ ବାରମ୍ବାର ଫୋନ୍ କରି ଚିକିତ୍ସିତ ବ୍ୟକ୍ତିଙ୍କ ସମ୍ପର୍କରେ ପଚାରି ବୁଝୁଛନ୍ତି, ଏହିଭଳି କରିବା ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ଦିଗରେ ବ୍ୟାଘାତ ସୃଷ୍ଟି ହେଉଛି । ଏଣୁ ସୀମିତ କଲ୍ ଏବଂ ସମୟକୁ ଦେଖି ଫୋନ୍ କରିବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ବ୍ଲକ୍ ଅଂଚଳର ସାମ୍ବାଦିକ ମାନଙ୍କୁ ଅନୁରୋଧ, ସେମାନେ ସମ୍ବାଦ ସଂଗ୍ରହ ସମୟରେ ନିଜ ପ୍ରତି ସତର୍କତା ଅବଲମ୍ବନ କରିବା ପାଇଁ ଜିଲ୍ଲାପାଳ ଜଣାଇଥିଲେ । ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଜିଲ୍ଲା ସହରାଂଚଳ ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ସଚିବ ସମ୍ବିତ ରାଉତ, ବ୍ରହ୍ମପୁର ଏମ୍.କେ.ସି.ଜି.ମେଡିକାଲ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ସମତେ ୮ଟି...

(୬ଷ୍ଠର ଅବଶିଷ୍ଟାଂଶ)

ସାମିଲ କରାଯାଇଛି ସେଗୁଡିକୁ ଭାରତରେ ଜରୁରିକାଳୀନ ଉପଯୋଗ ନିମନ୍ତେ ମଞ୍ଜୁରି ମିଳିପାରେ ବୋଲି ଡ. ହର୍ଷବର୍ଦ୍ଧନ କହିଥିଲେ । ଟିକା ଉତ୍ପାଦନକାରୀମାନଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଉଛି ଏହା ୨୦୨୧ ମେ ସୁଦ୍ଧା ୮କୋଟି ଡୋଜ ଏବଂ ଜୁନ ସୁଦ୍ଧା ୯ କୋଟି ଡୋଜରେ ପହଂଚିବ ।

ଏନସିଡିସି ନିର୍ଦ୍ଦେଶକ ଡ. ସୁଜିତ କେ ସିଂ ରାଜ୍ୟଗୁଡିକରେ କୋଭିଡ ବୃଦ୍ଧି ଦରର ଏକ ବିଶ୍ଲେଷଣ ଉପସ୍ଥାପନ କରିଥିଲେ । ଉପସହରାଂଚଳ ଏବଂ ଗ୍ରାମାଂଚଳ କ୍ଷେତ୍ରରେ ଟେଷ୍ଟିଂ ଓ ଟୀକାକରଣ ଉପରେ ସେ ଜୋର ଦେଇଥିଲେ । ସେ କହିଥିଲେ ଯେ କୋଭିଡର ଯେକୌଣସି ଭାରିଆଣ୍ଟ ହେଉ ପଛେ ପ୍ରସ୍ତୁତି ପଦକ୍ଷେପ ଏବଂ ସୁରକ୍ଷା ସମାନ ରହିଛି । ଟେଷ୍ଟିଂ ଓ ଟିକାକରଣ ନିମନ୍ତେ ଚିକିତ୍ସା ଭିତ୍ତିଭୂମି ବଢ଼ାଇବା ଲାଗି ସେ ରାଜ୍ୟଗୁଡିକୁ ନିବେଦନ କରିଥିଲେ ।

ଏନଏଚ୍ଏମର ଏଏସ ଆଣ୍ଡ ଏମଡି ବନ୍ଦନା ଗୁର୍ଣ୍ଣାନୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳର ଅତିରିକ୍ତ ସଚିବ (ସ୍ୱାସ୍ଥ୍ୟ) ଆରତୀ ଆହୁଜାଙ୍କ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ପ୍ରମୁଖ ସଚିବ (ସ୍ୱାସ୍ଥ୍ୟ), ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସ୍ୱାସ୍ଥ୍ୟ) ଓ ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ନିରୀକ୍ଷଣ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ଭୀମ ଭୋଇ ମେଡ଼ିକାଲ୍‌ରେ...

(ପୃଷ୍ଠା ୧ରୁ)

ଅମ୍ଳଜାନ ଯୋଗାଜିବା ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଅମ୍ଳଜାନ ପାଇଁ ଭୀମ ଭୋଇ ମେଡିକାଲକୁ କେସିଙ୍ଗା ଓ ଜୁନାଗଡର ଅମ୍ଳଜାନ କାରକାନ ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏଠାରେ ଏକ ଅମ୍ଳଜାନ କାରଖାନ ହେଲେ ଭୀମ ଭୋଇ ମେଡିକାଲ ଆତ୍ମନିର୍ଭର ହେବା ସହ ଅନ୍ୟତ୍ର ଅମ୍ଳଜାନ ଯୋଗାଇ ପାରିବ ବୋଲି ଶ୍ରୀ ନାଏକ କହିଛନ୍ତି । ତେବେ ଏହି କେନ୍ଦ୍ର ଆରମ୍ଭ ହେବା ପରେ ଏହା ଅକ୍ସିଜେନ ପ୍ଲାଣ୍ଟ ନା ବିତରଣ କେନ୍ଦ୍ର ତାହ ଉପରୁ ପର୍ଦ୍ଦା ଉଠିବା ସହ ଏହାକୁ ନେଇ ହେଉଥିବା ବିବାଦର ଅନ୍ତ ଘଟିଛି । ଭୀମ ଭୋଇ ମେଡିକାଲ କଲେଜରେ କେନ୍ଦ୍ରୀୟ ବିତରଣ କେନ୍ଦ୍ର ସ୍ଥାପନ ପରେ ବଲାଙ୍ଗିରରେ ଏକ ଅକ୍ସିଜେନ ଉତ୍ପାଦନ ପ୍ଲାଂଟର ଆବଶ୍ୟକତା ବେଶ ଅନୁଭୁତ ହେଉଛି ।

# ବିଚାରାଧୀନ କଏଦୀଙ୍କ କୋଭିଡ୍ ସଂକ୍ରମଣରେ ମୃତ୍ୟୁ ପରେ ପାଟଣାଗଡ଼ ଉପକାରାଗାରରେ କରୋନା ଆତଙ୍କ




ପାଟଣାଗଡ଼, (ନିପ୍ର) : ଜଣେ ବିଚାରାଧୀନ କଏଦୀଙ୍କ କୋଭିଡ୍ ସଂକ୍ରମଣ ଯୋଗୁଁ ମୃତ୍ୟୁ ପରେ ପାଟଣାଗଡ଼ ଉପକାରାଗାରରେ କରୋନା ଆତଙ୍କ ଦେଖାଦେଇଛି । ସୂଚନା ଅନୁସାରେ ଏହି ଉପକାରାଗାରରେ ୧୧୭ ଜଣ କଏଦୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଥିବା କୁହାଯାଇଛି । ତେବେ ଗତକାଲି ବଲ୍ଲଭ ପଧାନ ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିବା ପରେ କଏଦୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରାପ୍ତ ସୂଚନା ମୁତାବକ ଗତ ୧୫ ଦିନ ତଳେ ଧଣ୍ଡାମୁଣ୍ଡା ଗାଁରୁ ବଲ୍ଲଭ ପଧାନଙ୍କୁ ନିଶା କାରବାର ଅଭିଯୋଗରେ ଖପ୍ରାଖୋଲ ପୋଲିସ ଗିରଫ୍ କରିଥିଲା । ଗିରଫ୍ ବଲ୍ଲଭଙ୍କଠାରୁ କିଛି କଫ୍ ସିରଫ୍ ବୋତଲ ଜବତ ହୋଇଥିଲା । ଗିରଫ୍ ପରେ ବଲ୍ଲଭଙ୍କ କୋଭିଡ ଟେଷ୍ଟ ହୋଇଥିବା ବେଳେ ତାହା ନେଗେଟିଭ୍ ଆସିଥିଲା ଓ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା । ପରେ ବଲ୍ଲଭ ପାଟଣାଗଡ଼ ଉପକାରାଗାରରେ କରୋନା ସଂକ୍ରମିତ ହୋଇଥିବା ବେଳେ ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗତ ଗୁରୁବାର ଦିନ ତାଙ୍କୁ ଚିକିତ୍ସା ପାଇଁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଚିକିତ୍ସାଧୀନ ଅବସ୍ଥାରେ ବଲ୍ଲଭଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ତେବେ ବଲ୍ଲଭଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ କୌଣସି ସୂଚନା ଦିଆ ଯାଇ ନଥିବା ଯୋଗୁଁ ଚିକିତ୍ସା ଅବହେଳାରୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଏହି ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ମଧ୍ୟ ଉତ୍ତେଜନା ଦେଖାଦେଇଥିବା ଜଣାପଡ଼ିଛି ।

# ବିଶ୍ୱ ରେଡକ୍ରସ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ




କଂଟାବାଂଜି, (ନିପ୍ର) : ବର୍ତ୍ତମାନ କରୋନା ଯୋଗୁଁ ରକ୍ତର ଘୋର ଅଭାବ ଦେଖା ଦେଇଥିବା ବେଳେ ଆଜି ବିଶ୍ୱ ରେଡକ୍ରସ ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜୁନିୟର ରେଡକ୍ରସ ସୋସାଇଟି ବଲାଙ୍ଗିର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲ୍ଲା ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଂଟାବାଞ୍ଜି ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଂଚି ନାରାୟଣ ଦାଶଙ୍କ ପ୍ରଚେଷ୍ଟାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ମହାପାତ୍ର, ସମାଜସେବୀ ଅଜୟ ଦାସ ଓ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକର ଆଦି ଅତିଥି ମାନଙ୍କ ଗହଣରେ ଡାକ୍ତରଖାନାରେ ଥିବା ରୋଗୀ ମାନଙ୍କୁ ପାଉଁରୁଟି, ବିସ୍କୁଟ ଓ ମାସ୍କ ବଂଟନ କରାଯାଇଥିଲା । ତାପରେ ରୂପାଲି ଜୈନ, ଜୁନିୟର ରେଡକ୍ରସ ସଭ୍ୟ ରାଜେନ୍ଦ୍ର ଦୋରା, ସମ୍ବାଦିକ ତୁଳସୀ ମହତ, ଫକୀର ପୁଟେଲ, ରାଜେନ୍ଦ୍ର ତାଣ୍ଡି ଆଦି ରକ୍ତ ଦେଇଥିଲେ । ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ଦେବା ତଥା ରକ୍ତ ଦେବାକୁ ଲୋକଙ୍କୁ ମନେଇବା ସହିତ ରକ୍ତ ଦେଉଥିବା ରକ୍ତ ନାୟକ ସଂଗ୍ରାମ ତ୍ରିପାଠୀ, ଦୁର୍ଗା ତାଣ୍ଡି ଓ ପ୍ରଶାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିରର ଆୟୋଜନରେ ମାଝିପଡା ପ୍ରାଥମିକ ବିଦ୍ୟାଳୟ ଓ ନର୍ଝରିଣୀ କଂଟାବାଞ୍ଜି ସହଯୋଗ କରିଥିଲେ । ସମାଜସେବୀ ଆଶିଷ ଜୈନ, ଥମିର ଛତ୍ରିଆ, ସଂଗ୍ରାମ ତ୍ରିପାଠୀ, ଶିବ ସାହୁ, କୁନାଲ ଦାସ, ଦୁର୍ଗା ତାଣ୍ଡି, ପ୍ରଶାନ୍ତ ସାହୁ, ଗୁରୁବାରୁ ରଣା ଆଦି ସହଯୋଗ କରିଥିଲେ । ତେବେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ସ୍ଥାନୀୟ ଲୋକେ ବେଶ୍ ପ୍ରଶଂସା କରିଛନ୍ତି ।

# ବଲାଙ୍ଗିର ରେଡକ୍ରସ ସୋସାଇଟି ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ଠାରେ ଆଜି ବିଶ୍ୱ ରେଡକ୍ରସ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ମୁଖ୍ୟ ଅତିଥି ଭାବରେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି ଯୋଗ ଦେଇ ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ । ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ମହେନ୍ଦ୍ର କୁମାର ନାୟକ ତଥା ଜିଲ୍ଲା ରେଡକ୍ରସର ଉପାଧ୍ୟକ୍ଷ ଏବଂ ପୃଷ୍ଠପୋଷକ ବିଷ୍ଣୁ ପ୍ରସାଦ କେଡିଆ ତଥା ବିଙ୍ଗ ହ୍ୟୁମେନ ଫାଉଣ୍ଡେସନର ସଭାପତି ବିବେକାନନ୍ଦ ପଟେଲ ଏବଂ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କୁ ଉପାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କେଡିଆଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ର ଏବଂ ଉପଢୌକନ ମୁଖ୍ୟ ଅତିଥି ଶ୍ରୀ ଲାଗୁରି ପ୍ରଦାନ କରିଥିଲେ । କୋଭିଡ୍- ୧୯ ସମସ୍ୟା ପରେ ବଲାଙ୍ଗିର ଜିଲ୍ଲାରେ ଜୁନିୟର ରେଡକ୍ରସ ତରଫରୁ ବ୍ୟାପକ ଜନସେଚନତା କାର୍ଯ୍ୟକ୍ରମ କରିଥିବାରୁ ଶିକ୍ଷକ ରାମ ନାରାୟଣ ଦାଶଙ୍କ ସହିତ ସହକର୍ମୀମାନଙ୍କୁ ତଥା ପୃଷ୍ଠପୋଷକ ବିଷ୍ଣୁ ପ୍ରସାଦ କେଡିଆଙ୍କୁ ମୁଖ୍ୟ ଅତିଥି ଶ୍ରୀ ଲାଗୁରି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ରେଡକ୍ରସର ସଂପାଦିକା ରୀନା କୁମାରୀ ନାଏକ ତଥା ଗୀତାଞ୍ଜଳି ସା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ରେଡକ୍ରସର ପୃଷ୍ଠ ପୋଷକ ବିଷ୍ଣୁ ପ୍ରସାଦ କେଡିଆଙ୍କର ଜ୍ୟେଷ୍ଠ ପୁତ୍ର କରୋନାରୁ ଜୟଯୁକ୍ତ ହୋଇ ବି ପୋଜିଟିଭ୍ ପ୍ଲାଜମା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବିଙ୍ଗ ହ୍ୟୁମେନ ଫାଉଣ୍ଡେସନର ମୋହିତ, ମୁକେଶ, ଗୌତମ, ବିଶ୍ୱ, ଆଶିଷ, ସୁଦିପ୍, ପ୍ରତିକ, ବସୁଦେବ, ବିରେନ୍ଦ୍ର, କୁନା ପ୍ରମୁଖ ରକ୍ତଦାନ କରିଥିଲେ । ରକ୍ତ ଭଣ୍ଡାର ଡ. ଆରତୀ ପଣ୍ଡା, ନରେଶ ମିଶ୍ର, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଅବଦୁଲ ଅସରଫ, ଜ୍ୟୋତି ନାୟକ, କେଶବ ଷାଣ୍ଡ ପ୍ରମୁଖ ସହଯୋଗ କରିଥିଲେ ।

# କରୋନା ମୃତ୍ୟୁ ସଂପର୍କରେ ସଠିକ ତଥ୍ୟ ଦେବା ସହ କୋସଲାଂଚଳର ପ୍ରତି ଘରକୁ କରୋନା କିଟ୍‌ସ୍ ଯୋଗାଇ ଦେବାକୁ ତଥା କୋସଲାଂଚଳରେ ଅଧିକ ଚିକିତ୍ସା ବ୍ୟବସ୍ଥା କରିବାକୁ କୋସଲ ରାଜ୍ୟ ସମନ୍ୱୟ ସମିତିର ଦାବୀ

ବଲାଙ୍ଗିର, (ନିପ୍ର) : ଅଭିଯୋଗ ହେଉଛି ଯେ କରୋନା ଓ କରୋନା ଜନିତ ମୃତ୍ୟୁ ସଂପର୍କିତ ସଠିକ୍ ତଥ୍ୟ ସରକାର କିମ୍ବା ପ୍ରଶାସନ ଦେଉନାହାନ୍ତି । ବାସ୍ତବରେ କୋସଳାଂଚଳରେ ପ୍ରକାଶିତ ତଥ୍ୟରୁ ବହୁ ଅଧିକ ଲୋକ କରୋନା ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି । ଏହା ଛଡା ଚିକିତ୍ସା ବ୍ୟବସ୍ଥା ସଂପର୍କରେ ଯେତେ ତଥ୍ୟ ପ୍ରଦାନ କରାଯାଇଛି ବାସ୍ତବରେ କୋଭିଡ୍ ହସପିଟାଲମାନଙ୍କରେ ସେଭଳି ବ୍ୟବସ୍ଥା ହେଉନାହିଁ ବୋଲି ମଧ ଅଭିଯୋଗ ହେଉଛି । ଏହା ମଧ୍ୟରେ ବଲାଙ୍ଗିର କୋଭିଡ୍ ଡାକ୍ତରଖାନାରେ ଅବ୍ୟବସ୍ଥା ସଂପର୍କରେ ଏକ ଭିଡଓ ମଧ ଭାଇରାଲ ହୋଇଛି । ଯେଉଁ ଥିରେକି ରୋଗୀଙ୍କୁ ଅକ୍‌ସିଜେନ ଦେବାକୁ କେହିନଥିବାର ଦର୍ଶାଯାଇଥିଲା । ତେଣୁ ଚିକିତ୍ସା ସଂପର୍କରେ କେବଳ ପରିସଂଖ୍ୟାନ ନ ଦେଇ କୋଭିଡ୍ ଆକ୍ରାନ୍ତଙ୍କୁ କିଭଳି ଅକ୍‌ସିଜେନ, ଭେଂଟିଲେଟର ଓ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ରାଜ୍ୟ ସରକାରଙ୍କ ପାଖରେ କୋସଲ ରାଜ୍ୟ ସମନ୍ୱୟ ସମିତି ଦାବୀ କରିଛି । ଏଥି ସହିତ ରାଜସ୍ଥାନ ଢାଂଚାରେ କୋସଳାଂଚଳର ପ୍ରତି ଘରେ କରୋନା କିଟ୍‌ସ୍ ଦେବାକୁ, ଏହି ଅଂଚଳରେ ଅଧିକ କୋଭିଡ୍ ହସପିଟାଲ, ବେଡ୍, ଅକ୍ସିଜେନ ଓ ଭେଂଟିଲେଟର ବ୍ୟବସ୍ଥା କରିବାକୁ, ଏହି ଅଂଚଳରେ ଅଧିକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତ କରିବାକୁ ତଥା ଘରକୁ ଘର ଟେଷ୍ଟିଂ ଓ ଅଧିକ ଆର.ଟି.ପି.ସି.ଆର ଟେଷ୍ଟ ସେଂଟର ଖୋଲିବାକୁ କୋସଲ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବୀ କରିଛନ୍ତି । ଏଥି ସହିତ ଜନସାଧାରଣ ମଧ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ସଂଗଠନ ଦାବୀ କରିଛି ।

ଏହା ଛଡା କରୋନା ସଂବନ୍ଧିତ ଶ୍ୱେତପତ୍ର ସରକାର ପ୍ରକାଶ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବୀ କରିଛନ୍ତି ।






# ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ସଭାପତି ନୀଳାଦ୍ରୀ ବିହାରୀ ଯୋଷୀ ଆଉ ନାହାନ୍ତି



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ରାଜେନ୍ଦ୍ର ପଡ଼ା ନିବାସୀ ବିଶ୍ୱ ହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଭାପତି ତଥା ଶିକ୍ଷକ ନୀଳାଦ୍ରୀ ବିହାରୀ ଯୋଷୀଙ୍କ ଦେହାନ୍ତ ହୋଇଯାଇଥିବା ଖବର ମିଳିଛି । ଅସୁସ୍ଥତା ଯୋଗୁଁ ସେ ଭୁବନେଶ୍ୱରର ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଥିବା ସୂଚନା ରହିଛି । ବିଶ୍ୱ ହିନ୍ଦୁ ପରିଷଦର ଜଣେ ସକ୍ରିୟ ଓ ଆଦର୍ଶ ପୁରୁଷ ଭାବେ ସେ ସାରା ଓଡ଼ିଶାରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ବିଶ୍ୱ ହିନ୍ଦୁ ପରିଷଦର ଜଣେ ବିଶିଷ୍ଟ କର୍ମୀ ତଥା ହିନ୍ଦୁ ଧର୍ମକୁ ବଳିଷ୍ଠ ଗଢ଼ି ତୋଳିବାରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ବୋଲି ତାଙ୍କ ବନ୍ଧୁ ମହଲରେ ମତପ୍ରକାଶ ପାଇଛି । ତାଙ୍କୁ ହରାଇ ପରିଷଦ ଜଣେ ବିଶିଷ୍ଟ କର୍ମୀଙ୍କୁ ହରାଇଛି ବୋଲି ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ କହିଛନ୍ତି । ତାଙ୍କ ବିୟୋଗରେ ଶିକ୍ଷକ ମହଲରେ ମଧ୍ୟ ଶୋକର ଛାୟା ଖେଳିଯାଇଛି । ତାଙ୍କ ଦେହାନ୍ତ ପରେ ଭୁବନେଶ୍ୱରରେ ତାଙ୍କ ଶେଷକୃତ ସଂପନ୍ନ ହୋଇଥିବା ଜଣାପଡ଼ିଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu